ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.264 Bhubaneswar Saturday December 02 2023 | ୨୬ତମ ବର୍ଷ ସଂଖ୍ୟା–୨୬୪ ଭୁବନେଶ୍ୱର, ଶନିବାର, ଡିସେମ୍ବର ୦୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ରାଜ୍ୟ କଂଗ୍ରେସ ପୁରୀ ଶ୍ରୀକ୍ଷେତ୍ରକୁ ତୁଳସୀ ଯାତ୍ରା କଲା



ଭୁବନେଶ୍ୱର, ୧।୧୨(ପି.ଏନ) : ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ସାରା ରାଜ୍ୟର ପ୍ରତ୍ୟେକ ଜିଲ୍ଲା, ବ୍ଲକ ଓ ପଂଚାୟତରୁ ଶହ ଶହ କଂଗ୍ରେସ ନେତୃବୃନ୍ଦ, କର୍ମୀ ଓ ଶୁଭେଚ୍ଛୁମାନେ ଶ୍ରୀ ଜଗନ୍ନାଥ ମନ୍ଦିରର ସମସ୍ତ ନୀତି ନିୟମକୁ ପାଳନ କରି ତୁଳସୀ ଧରି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆଜି ସକାଳ ୯ ଘଟିକା ସମୟରେ ପହଂଚିଥିଲେ। ଓଡ଼ିଶା ପ୍ରଭାରୀ ତଥା ସାଂସଦ ଡଃ ଏ. ଚେଲ୍ଲା କୁମାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପହଂଚିଲା ପରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ତୁଳସୀ ଯାତ୍ରାର ଶୁଭାରମ୍ଭ ହୋଇଥିଲା। ମହାପ୍ରଭୁ ଚତୁର୍ଦ୍ଧାମୂର୍ତିଙ୍କୁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ଏକ ସୁସଜ୍ଜିତ ରଥରେ ନିଆଯାଇଥିଲା। ଏହା ପରେ ପରେ କଂଗ୍ରେସ ନେତୃବର୍ଗ ଓ କର୍ମୀମାନଙ୍କ ଦ୍ୱାରା ଅଣାଯାଇଥିବା ବିଧିମୁତାବକ ସଜ ତୁଳସୀକୁ ବିଭିନ୍ନ ଟୋକେଇରେ କଦଳୀ ପାଟୁ ବାନ୍ଧି ଏକ ସୁସଜ୍ଜିତ ଗାଡ଼ିରେ ଭଜନ ଓ ସଂକୀର୍ତନ କରି ଶ୍ରୀକ୍ଷେତ୍ରକୁ ଶ୍ରୀ ଜଗନ୍ନାଥଙ୍କ ଚରଣ ଲାଗି ନିଆଯାଇଥିଲା। ସାରା ପରିବେଶର ଏକ ଭିନ୍ନ ଭାବାବେଗ ସୃଷ୍ଟି ହୋଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ଜଗନ୍ନାଥ ମନ୍ଦିରର ଚାରି ଦ୍ୱାରାକୁ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଖୋଲା ରଖିବା, ରତ୍ନ ଭଣ୍ଡାର ଗଣତି ମଣୋଡି ଓ ମରାମତି ସହିତ ବେଦା' ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଶ୍ରୀ ଜଗନ୍ନାଥଙ୍କ ଅମୃତ ମଣୋହି ଜମି ଓ ହଜାର ହଜାର ଏକର ଚାଷୀଙ୍କ ଚାଷ ଜମିକୁ ତୁରନ୍ତ ଫେରାଇବା ଦାବି ସହିତ ୬ ଗୋଟି ମୁଖ୍ୟ ଦାବିକୁ ନେଇ ରାଜ୍ୟ କଂଗ୍ରେସ ପୁରୀରେ ପଦଯାତ୍ରା ତଥା ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିବା ସହିତ ପରବର୍ତୀ ପର୍ଯ୍ୟାୟରେ ସଂକୀର୍ତନ ସତ୍ୟାଗ୍ରହ କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। କିନ୍ତୁ ଏ ଅହଂକାରୀ ଭକ୍ତ ଓ ଭଗବାନଙ୍କ ଉପରେ ପାଚେରୀ ସୃଷ୍ଟି କରୁଥିବା ବିଜେଡ଼ି ସରକାର ଏପର୍ଯ୍ୟ' ନିଦ ଭାଙ୍ଗିଲା ନାହିଁ। ତେଣୁ ଆଜି ରାଜ୍ୟ କଂଗ୍ରେସ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ସହିତ ଚାରି ଦ୍ୱାରା ଖୋଲିବା ତଥା ରତ୍ନ ଭଣ୍ଡାର ଗଣତି ମଣୋଡି ଓ ମରାମତି ସହିତ ଅନ୍ୟ ଦାବିକୁ ତୁର' ଗ୍ରହଣ କରିବା ପାଇଁ ଆଜି ତୁଳସୀ ଯାତ୍ରା କରାଯାଇଥିଲା। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ଆଜି ଏକ ପଦଯାତ୍ରାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ସହିତ ଓଡ଼ିଶାର ପ୍ରଭାରୀ ଡଃ ଏ. ଚେଲ୍ଲା କୁମାର, ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପ୍ରଚାର କମିଟି ଅଧକ୍ଷ ବିଜୟ ପଟ୍ଟନାୟକ, ବିଧାୟକ ଶ୍ରୀ ସୁରେଶ ରାଉତରାୟ, ତାରାବାହିନିପତି, ସଂ'ୋଷ ସିଂ ସାଲୁଜା, ରମେଶ ଜେନା, ରାଜନ ଏକ୍କା, ଦାଶରଥି ଗମାଙ୍ଗୋ, ମହିଳା କଂଗ୍ରେସ କମିଟିର ସଭାନେତ୍ରୀ ବନ୍ଦିତା ପରିଡ଼ା, ଗଣମାଧ୍ୟମର ଅଧକ୍ଷ ତଥା ପୂର୍ବତନ ବିଧାୟକ ଶ୍ରୀ ଗଣେଶ୍ୱର ବେହେରା, ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନ୍‌ଗୋ, ବରିଷ୍ଠ ଆଇନ୍‌ଜୀବି ତଥା ପୁରୀ ଜିଲ୍ଲାର ପ୍ରଭାରୀ ଶିବାନନ୍ଦ ରାୟ, କଟକ ନଗର ସଭାପତି ସୁରେଶ ମହାପାତ୍ର, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ, ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଜୟରାମ ପଟ୍ଟନାୟକ, ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, କେନ୍ଦ୍ରପଡ଼ା ଜିଲ୍ଲା ସଭାପତି ଅଂଶୁମାନ ମହାନ୍ତି, ପିସିସିର ସାଧାରଣ ସମ୍ପାଦକ ସୁବ୍ରତ ମହାପାତ୍ର, ନବରଙ୍ଗପୁର କଂଗ୍ରେସ ଜିଲ୍ଲା ସଭାପତି ମନୋରନ ତ୍ରିପାଠୀ, ଅନୁସୂଚିତ ଜନଜାତି ଅଧକ୍ଷ ବାଙ୍କନିଧି ବେହେରା, ଜନଜାତି ବିଭାଗ ଅଧକ୍ଷ ଭୂଜବଳ ମାଝୀ, ପୂର୍ବତନମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ୍, ମନୋରନ ଦାସ, ଯୁବ କଂଗ୍ରେସ ସଭାପତି ରିତ ପାତ୍ର, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ଜନକୀ ବଲ୍ଲଭ ପଟ୍ଟନାୟକ, ବିନାୟକଦାସ ମହାପାତ୍ର, ସୁଜିତ ମହାପାତ୍ର, ବିଶ୍ୱନାଥ ଦାସ, ତରୁଣକା' ମିଶ୍ର, ଶ୍ରୀନିବାସ ରାଉତରାୟ, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ଏଆଇସିସି ସଂପାଦିକୀ ସର୍ସ୍ମିତା ବେହେରା, ଅପର୍ଣ୍ଣାଧିର, କୁସୁମ ପ୍ରଧାନ, ଶ୍ରୀୟାସ୍ମିତା ପଣ୍ଡା, ଶୁଭଦ୍ରା ମିଶ୍ର, ପ୍ରକାଶ ମିଶ୍ର, ରଜନୀ ମହାନ୍ତି, ଦୀପକ ମହାପାତ୍ର, ଜୟଶ୍ରୀ ପାତ୍ର, ଛବିନ୍ଦ୍ର ପଡ଼ିଆରୀ, ଅମେରେନ୍ଦ୍ର ପାଇକରାୟ, ସୁକା' ପ୍ରଧାନ, ନିରନ ରଥ, ବିଦ୍ୟୁତଲତା ଆଚାର୍ଯ୍ୟ, ଶ୍ରୀଧର ବଳିଆରସିଂ, ଅଶୋକ ଦାସ, ଆଶିଷ ମଲ୍ଲିକ, ପ୍ରସନ୍ନ ନାୟକ, ସୌମେନ୍ଦ୍ର ମହାନ୍ତି ଓ ସସ୍ମିତା ବେହେରା ପ୍ରମୁଖ ଶହ ଶହ କଂଗ୍ରେସ ନେତୃବର୍ଗ ରାଜମହଲ ପର୍ଯ୍ୟ' ପଦଯାତ୍ରା କରିଥିଲେ। ପରବର୍ତୀ ପର୍ଯ୍ୟାୟରେ ୫ ଶହ ରୁ ଅଧିକ ଗାଡ଼ିରେ ଏକ ପଟୁଆରରେ ପୁରୀ ଯାତ୍ରା କରିଥିଲେ। ରାସ୍ତାରେ ପିପିଲି, ସାକ୍ଷିଗୋପାଳ, ବାଟମଙ୍ଗଳା ଏବଂ ଅଠରନଳା ପାଖରେ କଂଗ୍ରେସ ନେତୃବର୍ଗ ସଭାପତି ଶରତ ପଟ୍ଟନାୟକ ତଥା ଚେଲ୍ଲା କୁମାର ଓ ଅନ୍ୟ ନେତୃବର୍ଗଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତୁଳସୀ ଅର୍ପଣ କରିଥିଲେ।

ଶରଧାବାଲି ନାଟମଣ୍ଡପରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତିରେ ମାଲ୍ୟାପର୍ଣ୍ଣ ଓ ପ୍ରଦ୍ୱୀପ ପ୍ରଜ୍ୱୋଳନ କରି କଂଗ୍ରେସ କର୍ମୀ ତଥା ଜନସାଧାରଣଙ୍କୁ ସମ୍ବୋଦିତ କରି କହିଥିଲେ ଯେ ଏ ଅହଂକାରୀ ସରକାରଙ୍କର ଶେଷ ସମୟ ଆସିଲାଣି। ପୁରୀ ଶ୍ରୀ ମନ୍ଦିର ହେଉଛି ଚାରିଧାମ ଭିତରୁ ଶ୍ରେଷ୍ଠ ଧାମ। ସବୁଦିନ ଲକ୍ଷ ଲକ୍ଷ ଭକ୍ତ ପୁରୀକୁ ଆସୁଛ଼ନ୍ତି କିନ୍ତୁ ଜଗନ୍ନାଥଙ୍କ ଦର୍ଶନ ନ ପାଇଁ ଫେରି ଯାଉଛନ୍ତି। ଏହାଦ୍ୱାରା ରାଜ୍ୟର ମାନସମ୍ମାନ କ୍ଷୁର୍ଣ୍ଣ ହେଉଛି। କୌଣସି କାରଣ ନଥାଇ କାହିଁକି ଚାରି ଦ୍ୱାରା ବନ୍ଦ କରି ରଖାଯାଇଛି। କାହିଁକି ଏପର୍ଯ୍ୟ' ରତ୍ନଭଣ୍ଡାରର ଗଣତି ମଣୋଡି ଓ ମରାମତି ହେଉନାହିଁ। ଓଡ଼ିଶା ପ୍ରଭାରୀ ଡଃ ଏ. ଚେଲ୍ଲାକୁମାର ସମ୍ବୋଦିତ କରି କହିଥିଲେ ଯେ, ଏ ହେଉଛି ଶ୍ରୀକ୍ଷେତ୍ର, ଏ ଦାଣ୍ଡ ହେଉଛି ବଡ଼ ଦାଣ୍ଡ, ଏ ବାଲି ହେଉଛି ଶରଧାବାଲି କିନ୍ତୁ ମୁଁ ବୁଝିପାରୁନାହିଁ, କାହିଁକି ବିଜେଡ଼ି ସରକାର ଏତେ ଗର୍ବୀ ଓ ଅହଂକାରୀ। ଜଗନ୍ନାଥ ନିଶ୍ଚୟ ଏହାର ଜବାବ ଦେବେ। ଓଡ଼ିଶାର ଜନସାଧାରଣ ତଥା ଜଗନ୍ନାଥ ପ୍ରେମୀ ଏହାର କଡ଼ଗଣ୍ଡା ହିସାବ ନେବେ। ପୂର୍ବତନ ପ୍ରଦେଶ କଂଗ୍ରେସ ସାଭାପତି ଶ୍ରୀ ଜୟଦେବ ଜେନା ରାଜ୍ୟ ସରକାରଙ୍କୁ ଅତି କଠୋର ଭାଷାରେ ସମାଲୋଚନା କରିଥିଲେ। ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ପ୍ରସାଦ ହରିଚନ୍ଦନ ସରକାରଙ୍କର ଏତାଦୃଶ କାର୍ଯ୍ୟକୁ ଦୃଢ଼ନିନ୍ଦା କରିଥିଲେ।

ସାରା ଓଡ଼ିଶାରୁ ଛାତ୍ର, ଯୁବକ, ମହିଳା, କଂଗ୍ରେସ ନେତୃବର୍ଗ, କର୍ମୀ ଶୁଭେଚ୍ଛୁ ମାନଙ୍କ ଦ୍ୱାରା ସଂଗୃହିତ ତୁଳସୀ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ଆଜି ଲାଗି କରାଗଲା। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ରାଜ୍ୟବାସୀ ତଥା ସମସ୍ତ କଂଗ୍ରେସ ନେତୃବର୍ଗ, ଜିଲ୍ଲା ସଭାପତି, ଛାତ୍ର, ଯୁବ, ମହିଳା ତଥା ସମସ୍ତ ବିଭାଗ ଓ ପ୍ରକୋଷ୍ଠର ନେତୃବର୍ଗଙ୍କୁ ଆ'ରିକ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଭୋଟର ତାଲିକା: ୫.୫୧ ଲକ୍ଷ ନୂଆ ଭୋଟର, ୧.୮୭ଲକ୍ଷ ଭୋଟର ବାଦ୍



ଭୁବନେଶ୍ୱର, ୧।୧୨(ପି.ଏନ): ଗତ ଅକ୍ଟୋବର ୨୭ରୁ ନଭେମ୍ବର ୧୧ତାରିଖ ପର୍ଯ୍ୟନ୍ତ ଚାଲିଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଶେଷ ହୋଇଛି। ଏହି ଅବଧି ମଧ୍ୟରେ ରାଜ୍ୟରେ ମୋଟ ୫ଲକ୍ଷ ୫୧ହଜାର ୨୩୭ଜଣ ନୂଆ ଭୋଟର ତାଲିକାରେ ସାମିଲ ହୋଇଛନ୍ତି। ୧ଲକ୍ଷ ୮୭ହଜାର ୪୦୫ଜଣ ଭୋଟର ତାଲିକାରୁ ବାଦ୍ ପଡିଛନ୍ତି। ତେବେ ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତା ଜାନୁୟାରୀ ୫ତାରିଖରେ ପ୍ରକାଶ ପାଇବ।ରାଜ୍ୟ ନିର୍ବାଚ଼ନ କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚ଼ନା ଅନୁସାରେ, ଏହି ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ସର୍ବାଧିକ ନୂଆ ଭୋଟର ଖୋର୍ଦ୍ଧା ଜିଲ୍ଲାରେ ୪୫୩୯୮ଜଣ ସାମିଲ ହୋଇଛନ୍ତି। ସେହିପରି କଟକ ଜିଲ୍ଲାରେ ୪୪୭୩୨ଜଣ, ବଲାଙ୍ଗିର ୪୧୫୧୩ଜଣ, ଗଞ୍ଜାମ ଜିଲ୍ଲାରେ ୩୯୨୯୭ଜଣ, ବାଲେଶ୍ୱର ଜିଲ୍ଲାରେ ୩୧୦୦୬ଜଣ, ବରଗଡ ଜିଲ୍ଲାରେ ୨୩୬୮୨ଜଣ ନୂଆ ଭୋଟର ସାମିଲ ହୋଇଛନ୍ତି । ବୌଦ୍ଧରେ ସବୁଠୁ କମ୍ ୪୬୧୦ଜଣ ନୂଆ ଭୋଟର ଯୋଡି ହୋଇଛନ୍ତି ।

# ୩ ନୁହେଁ, ୪ରେ ପ୍ରକାଶ ପାଇବ ମିଜୋରାମ ବିଧାନସଭା ରେଜଲ୍

ଭୁବନେଶ୍ୱର, ୧।୧୨(ପି.ଏନ): ବଦଳିଲା ମିଜୋରାମ ବିଧାନସଭା ନିର୍ବାଚ଼ନର ରେଜଲ୍ଟ ତାରିଖ। ୩ ତାରିଖ ବଦଳରେ ୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ତାରିଖ ପରିବର୍ତ୍ତନ ସମ୍ପର୍କରେ ଆଜି ଭାରତୀୟ ନିର୍ବାଚ଼ନ କମିଶନ ଘୋଷଣା କରିଛନ୍ତି।ପୂର୍ବରୁ ନିର୍ବାଚ଼ନ କମିଶନ ଡିସେମ୍ବର ୩ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ ବୋଲି କହିଥିଲେ। କିନ୍ତୁ ଏହା ରବିବାର ପଡୁଥିବା ଏକାଧିକ ସଂଗଠନ ବିରୋଧ କରିଥିଲେ। ମିଜୋରାମ ଏନଜିଓ ସଂଯୋଜକ କମିଟି ଏହା ବିରୋଧରେ ବିକ୍ଷୋଭ କରିଥିଲା। ମିଜୋରାମରେ ଖ୍ରୀଷ୍ଟିୟାନଙ୍କ ସଂଖ୍ୟା ଅଧିକ। ରବିବାର ୩ ତାରିଖ ହେଉଛି ଇଷ୍ଟର।

# ଡିସେମ୍ବର ୩ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତାଳଚେର ଗସ୍ତ, ବିଜେପି ର ବ୍ୟାପକ ପ୍ରସ୍ତୁତି



ତାଳଚେର:୧।୧୨(ପି.ଏନ): କେନ୍ଦ୍ର ଶିକ୍ଷା ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସ'। ଡିସେମ୍ବର ୩ ତାରିଖରେ ତାଳଚେର ଗସ୍ତ କାର୍ଯ୍ୟକ୍ରମ ରହିଛି।ବ୍ରହ୍ମଲୀନ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଙ୍କର ପ୍ରତିମୂର୍ତ୍ତି ତାଙ୍କର ନିଜ ଗ୍ରାମ ଗୁରୁଜାଙ୍ଗ ରେ ଅନାବରଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଯୋଗଦେବେ। କେନ୍ଦ୍ରମନ୍ତ୍ରୀ ଙ୍କ କାର୍ଯ୍ୟକ୍ରମ କୁ ନେଇ ବିଜେପି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜଗନ୍ନାଥ କଳାକେନ୍ଦ୍ର ରେ ଗୁରୁବାର ଦିନ ବରିଷ୍ଠ ବିଜେପି ନେତା କାଳନ୍ଦି ସାମଲ ଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଳଚେର ମାଟିରେ ଭବ୍ୟ ସ୍ୱାଗତ କରିବା ପାଇଁ ସମସ୍ତ ପଂଚାୟତ ସ୍ତରରେ ପ୍ରସ୍ତୁତି କରିବାକୁ ନିଷ୍ପତ୍ତି ହୋଇଛି।ସମସ୍ତ କାର୍ଯ୍ୟକର୍ତା ଡିସେମ୍ବର ୩ ତାରିଖରେ ସକାଳ ୮ ଟା ମଧ୍ୟରେ ଗୁରୁଜାଙ୍ଗ ରେ ପହଞ୍ଚିବା କୁବୈଠକରେ ନିଷ୍ପତ୍ତି ହୋଇଛି। କେନ୍ଦ୍ରମନ୍ତ୍ରୀ ଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ନେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଜିର ଏହି ପ୍ରସ୍ତୁତି ବୈଠକ ରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ରତ୍ନାକର ସାହୁ, ରାଜେନ୍ଦ୍ର ସିଂହ,ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା ,ପର୍ଶୁରାମ ବାରିକ, ପେସ୍କାର ଗଡ଼ନାୟକ, ମନୋଜ ପ୍ରଧାନ, ବିଭୁତି ସାହୁ, ନରେଶ ଚନ୍ଦ୍ର ବେହେରା, ବରୁଣ ସାହୁ ଙ୍କ ସମେତ ସମସ୍ତ ୬ ଟି ମଣ୍ଡଳ ର ଶତାଧିକ ପ୍ରମୁଖ କାର୍ଯ୍ୟକର୍ତା ଯୋଗ ଦେଇଥିଲେ।

## ପୂର୍ବତଟ ରେଳପଥର ନୂତନ ମୁଖ୍ୟ ଜନସମ୍ପର୍କ ଅଧିକାରୀ ଭାବେ ଅଶୋକ କୁମାର ମିଶ୍ରଙ୍କ ଯୋଗଦାନ



ଭୁବନେଶ୍ୱର, ୧।୧୨(ପି.ଏନ): ଭାରତୀୟ ରେଳ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ସେବା (ଆଇଆରଏସଇଇ) ର ୨୦୧୧ ବ୍ୟାଚ୍ ର ଅଧିକାରୀ ଶ୍ରୀ ଅଶୋକ କୁମାର ମିଶ୍ର ପୂର୍ବତଟ ରେଳପଥର ନୂତନ ମୁଖ୍ୟ ଜନସମ୍ପର୍କ ଅଧିକାରୀ (ସିପିଆରଓ) ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ମୁଖ୍ୟ ଜନସମ୍ପର୍କ ଅଧିକାରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀ ମିଶ୍ର ପୂର୍ବତଟ ରେଳପଥର ଉପ ମହାପ୍ରବନ୍ଧକ ଭାବେ ଦାୟିତ୍ୱ ସମ୍ପନ୍ନ କରୁଥିଲେ।

# ଘରୋଇ ଓ ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟ କୁଳପତି ସମ୍ମିଳନୀ

ଭୁବନେଶ୍ୱର, ୧।୬/୨୦୨୩ ବିକଶିତ ଭାରତ ଓ ଆତ୍ମନିର୍ଭର ଭାରତ ନିର୍ମାଣ ନିମନ୍ତେ ଶିକ୍ଷାର ବରିଷ୍ଠ ଯୋଗଦାନ ରହିଛି। ଶିକ୍ଷା ହିଁ ପରିବ??ର୍ତନର ପ୍ରମୁଖ ମାଧ୍ୟମ ଏବଂ ଏହା ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ରଘୁବର ଦାସ ଆହ୍ୱାନ ଦେଇଛନ୍ତି। ଆଜି ରାଜଭବନରେ ଘରୋଇ ତଥା ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟର କୁଳପତି ସମ୍ମିଳନୀକୁ ସଂବୋଧିତ କରି ରାଜ୍ୟପାଳ କହିଲେ ଯେ, ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ଜାତୀୟ ଶିକ୍ଷା ନୀତି – ୨୦୨୦ ହେଉଛି ଦୂରଦୃଷ୍ଟିସଂପନ୍ନ ପ୍ରୟାସ। ଏହାକୁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଲାଗୁ କରିବା ଦରକାର। ପାଠ ସହିତ ଶାଠର ଆବଶ୍ୟକତା ରହିଛି। ସାଂପ୍ରତିକ ସମୟର ଆହ୍ୱାନ ଓ ଆବଶ୍ୟକତା ଅନୁଯାୟୀ ପାଠ୍ୟକ୍ରମ ପ୍ରଚଳନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। କୌଣସି ଛାତ୍ରଛାତ୍ରୀ ଅର୍ଥ ଅଭାବରୁ ଉଚ୍ଚ ଶିକ୍ଷାରୁ ବଂଚିତ ହେବା ସ୍ପୃହଣୀୟ ନୁହେଁ। ଘରୋଇ ବିଶ୍ୱବିଦ୍ୟାଳୟ ଏହାକୁ ଧ୍ୟାନରେ ରଖି କାର୍ଯ୍ୟ କରିବା ସହ ସରକାରଙ୍କ ଆରକ୍ଷଣ ନୀତି ଲାଗୁ କରିବାକୁ ରାଜ୍ୟପାଳ କହିଛନ୍ତି। ଓଡ଼ିଶାରେ ଶିଳ୍ପାୟନ ବେଶ୍ ଉତ୍ସାହଜନକ। ଶିଳ୍ପ ଓ ବ୍ୟବସାୟ ଜଗତର ଆବଶ୍ୟକତା ଭି??ିରେ ନୂତନ ଦକ୍ଷତାସଂପନ୍ନ ମାନବ ସଂବଳ ସୃଷ୍ଟି ହେବା ଦରକାର। ପ୍ରାସଂଗିକ ପାଠ୍ୟକ୍ରମ ଓ ସମୟର ଆବଶ୍ୟକତା ପୂରଣ ଦିଗରେ ବିଶ୍ୱବିଦ୍ୟାଳୟଗୁଡ଼ିକ ପ୍ରଚେଷ୍ଟା କରିବାକୁ ରାଜ୍ୟପାଳ କହିଛନ୍ତି।ଭାରତକୁ ବିଶ୍ୱଗୁରୁ ହେବାର ସମୟ ଆସିଛି। ଭାରତର ଯୁବଶକ୍ତି ଆମର ଅମୂଲ୍ୟ ସଂପଦ। ଏହି ଜନସାଂଖ୍ୟିକ ସୁବିଧାର ସଫଳ ଉପଯୋଗ କରିବା ଦରକାର। ଘରୋଇ ବିଶ୍ୱବିଦ୍ୟାଳୟ ରାଜ୍ୟ ତଥା ଦେଶର ପ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ଆନୁଷ୍ଠାନିକ ସାମାଜିକ ଦାୟିତ୍ୱ ନିର୍ବାହ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଗୁଣାତ୍ମକ ଶିକ୍ଷାର ମାନ ନିର୍ଦ୍ଧାରଣ ନିମନ୍ତେ ଯେଉଁସବୁ ମାନକ ଓ ବିଧିବ୍ୟବସ୍ଥା ରହିଛି, ପ୍ରତ୍ୟେକ ପାଳନ କରିବା ଦରକାର। ବିଶ୍ୱସ୍ତରୀୟ ଶିକ୍ଷା ବ୍ୟବସ୍ଥା ପାଇଁ ଅନୁରୂପ ଚି'ନ ଓ ପ୍ରସ୍ତୁତି ଆବଶ୍ୟକ। ସମୟର ଆହ୍ୱାନକୁ ସାମ୍ନା କରିବାକୁ ବିଶ୍ୱବିଦ୍ୟାଳୟର କ୍ଷମତା ବୃଦ୍ଧି ପାଇଁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। କୁଳପତି ସମ୍ମିଳନୀରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ରାଜ୍ୟ ସରକାରଙ୍କ ବିଭିନ୍ନ ଶୈକ୍ଷିକ ନୀତି ଓ ବ୍ୟବସ୍ଥା ସଂପର୍କରେ ସୂଚନା ଦେଇ ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ କ୍ରିୟାଶୀଳ ସମନ୍ୱୟ ଓ ସଂପର୍କ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ନ୍ୟାସନାଲ ଏକାଡେମିକ ଡିପୋଜିଟୋରର ସୁବିଧାର ଉପଯୋଗ କରିବା, ସରକାରୀ ପ୍ରୋତ୍ସାହନ ସଂପର୍କରେ ସଚେତନତା ସୃଷ୍ଟି ତଥା ମଧ୍ୟମ, କ୍ଷୁଦ୍ର ଓ ଅଣୁ ଶିଳ୍ପ କ୍ଷେତ୍ରରେ ନବସର୍ଜନାକୁ ପ୍ରୋତ୍ସାହିତ କରିବା ପାଇଁ ସହଯୋଗ କାମନା କରିଥିଲେ। ସମ୍ମିଳନୀରେ ରାଜ୍ୟର ୧୩ଗୋଟି ଘରୋଇ ଓ ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟର କୁଳପତିମାନେ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ, ଆଦର୍ଶ, ପ୍ରଗତି ଓ ସ୍ଥିତି ସଂପର୍କରେ ସୂଚନା ଦେଇଥିଲେ। ରାଜଭବନର ବରିଷ୍ଠ ଅଧିକାରୀମାନେ ସମ୍ମିଳନୀରେ ଉପସ୍ଥିତ ଥିଲେ।



# ଶାସ୍ତ୍ରୀୟ ଓଡିଶୀ ନୃତ୍ୟର ତାଳେ ତାଳେ ୩୪ତମ କୋଣାର୍କ ଉତ୍ସବ ଉଦଘାଟିତ, ସୂର୍ଯ୍ୟ ସ୍ତୁତିରେ ମତୁଆଲା ପର୍ଯ୍ୟଟକ

କୋଣାର୍କ, ୧।୧୨(ପି.ଏନ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିରର ପାଦଦେଶରେ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ୩୪ତମ କୋଣାର୍କ ଉତ୍ସବ ଓ ୧୩ତମ ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ପକ୍ଷରୁ ଉଦଘାଟିତ ହୋଇଯାଇଛି। ଅନୁରୂପ ଭାବେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସ୍ଥିତ ବେଳାଭୂମିର ପାଦଦେଶରେ ୧୩ତମ ବାଲୁକାକଳା ମହୋତ୍ସବ ଉଦଘାଟିତ ହୋଇଯାଇଛି। ପ୍ରଥମାର୍ଦ୍ଧରେ ଚନ୍ଦ୍ରଭାଗା ଠାରେ ଅନୁଷ୍ଠିତ ବାଲୁକା କଳା ମହୋତ୍ସବକୁ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା, ଓଟିଡିସି ଅଧ୍ୟକ୍ଷ ଡଃ ଲେନିନ ମହାନ୍ତି, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚ଼ିନ ରାମଚ଼ନ୍ଦ୍ର ଯାଦବ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ୩୪ତମ କୋଣାର୍କ ଉତ୍ସବରେ ଅତିଥି ଭାବରେ ଓଡ଼ିଆ, ଭାଷା ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା, ଓଟିଡିସି ଅଧ୍ୟକ୍ଷ ଡଃ ଲେନିନ ମହାନ୍ତି, ବିଶିଷ୍ଟ ନୃତ୍ୟାଙ୍ଗନା ଡଃ ଅରୁଣା ମହାନ୍ତି, ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ସଂଘ ସଭାପତି ଦୁର୍ଗା ପ୍ରସାଦ ସାମନ୍ତରାୟ ଓ ବିଭାଗୀୟ ନିର୍ଦ୍ଦେଶକ ସଚ଼ିନ ରାମଚ଼ନ୍ଦ୍ର ଯାଦବ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ।

୩୪ତମ ସନ୍ଧ୍ୟାର ପ୍ରଥମ ଚ଼ରଣରେ କଟକ ସୂର ମନ୍ଦିରର କଳାକାର ମାନେ ଭେଟି ଦେଇଥିଲେ ଓଡ଼ିଶୀ ନୃତ୍ୟ। କଳାକାର ମାନେ ଜଗତର ନାଥ ଜଗନ୍ନାଥ ଓ ସକଳ ଶକ୍ତିର ଆଧାର ପ୍ରଭୁ ସୂର୍ଯ୍ୟ ନାରାୟଣଙ୍କ ଉଦ୍ଦେଶ୍ୟରେ ଭେଟି ଦେଇଥିଲେ ନୃତ୍ୟ ନାଦ – ନିନାଦ।ପରେ ଗଜ ଉଦ୍ଧାର ବିଷୟ ବସ୍ତୁକୁ ନେଇ ନୃତ୍ୟାଙ୍ଗନା ମାନେ ଭେଟି ଦେଇଥିଲେ ' ସରଣମ୍ '। ସନ୍ଧ୍ୟାର ଦ୍ୱିତୀୟ ପର୍ଯ୍ୟାୟରେ ବେଙ୍ଗାଲୁରର ଚ଼ିତକଳା ସ୍କୁଲ୍ ଅଫ ଡ୍ୟାନସର କଳାକାର ମାନେ ପରିବେଷଣ କରିଥିଲେ ଭାରତନାଟ୍ୟମ। ଏହି ୩୪ତମ କୋଣାର୍କ ଉତ୍ସବକୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗର ଅଧିକାରୀ ମାନଙ୍କ ସମେତ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ପ୍ରମୁଖ ପରିଚ଼ାଳନା କରିଥିଲେ। ଚନ୍ଦ୍ରଭାଗା ଠାରେ ଅନୁଷ୍ଠିତ ୧୩ତମ ବାଲୁକା କଳା ମହୋତ୍ସବରେ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ଚେକ ରିପବ୍ଲିକ ସମେତ ୬ଗୋଟି ଦେଶ ସମେତ ଓଡିଶା ଏବଂ ଓଡିଶା ବାହାରର ୧୧୪ ଜଣ ବାଲୁକା ଶିଳ୍ପୀ ବେଳାଭୂମି କୂଳରେ ବାଲିରେ ଭାରତୀୟ ଐତିହ୍ୟ ଓ ସଂସ୍କୃତି ଉପରେ ନିଖୁଣ ଭାବେ ବାଲୁକା କଳା ପ୍ରଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ବାଲୁକା କଳା ଦେଖିବାକୁ ଚ଼ନ୍ଦ୍ରଭାଗା ବେଳାଭୂମି କୂଳରେ ପର୍ଯ୍ୟଟକ ମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା ।ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ପୂର୍ବାହ୍ନ ୧୧ ଘଟିକା ସମୟରେ ରାମଚ଼ଣ୍ଡୀ ବେଳାଭୂମି କୂଳରେ ପର୍ଯ୍ୟଟକ ଶିଳ୍ପର ପ୍ରସାର ଓ ଆର୍ଥିକ ପ୍ରଗତି ପାଇଁ ଇକୋ ରିଟ୍ରିଟ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦଘାଟନ କରିଥିଲେ। କୋଣାର୍କ ସମେତ ୭ଗୋଟି ସ୍ଥାନରେ ଏହି ମହୋତ୍ସବ ଆୟୋଜିତ ହେଉଛି। ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହେଉଥିବା ଇକୋ ରିଟ୍ରିଟ ମହୋତ୍ସବ ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ପରିଚ଼ୟ ସୃଷ୍ଟି କରିଛି। ପର୍ଯ୍ୟଟନ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ଦିଗରେ ଏହା ଏକ ମାଇଲ ଖୁଣ୍ଟ ସଦୃଶ ବୋଲି ରାଜ୍ୟ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚ଼ିନ ରାମଚ଼ନ୍ଦ୍ର ଯାଦବ ମତବ୍ୟକ୍ତ କରିଥିଲେ। ଏହି ମହୋତ୍ସବ ସମଗ୍ର ଦେଶରେ ଓଡିଶାକୁ ପର୍ଯ୍ୟଟନ କ୍ଷେତ୍ରର ଶୋଭା ବୃଦ୍ଧି କରିବା ଦିଗରେ ଉଲ୍ଲେଖନୀୟ ଅବଦାନ। ଏହି ମହୋତ୍ସବ ଆୟୋଜନର କାର୍ଯ୍ୟପନ୍ଥା, ପ୍ରସ୍ତୁତିରେ ପରିକଳ୍ପନା ଓ ଏହାର ସୁଦୂରପ୍ରସାରୀ ଉପାଦେୟତା ଭାରତ ବର୍ଷର ଅନ୍ୟ ରାଜ୍ୟ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି ବୋଲି ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ପୁରୀ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ ଓ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ଉଦ୍‌ଯାପିତ ହେଲା "ରୋଭର ରେଞ୍ଜର ଫେଷ୍ଟ"

ଭୁବନେଶ୍ୱର, ୧।୧୨(ପି.ଏନ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ଦ୍ୱାରା ଗତ ୨୮ତାରିଖରୁ ଆରମ୍ଭ ହୋଇଥିବା "ରୋଭର ରେଞ୍ଜର ଫେଷ୍ଟ" ଆଜି ସଂଧ୍ୟାରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବ ମାଧ୍ୟମରେ ଉଦ୍‌ଯାପିତ ହୋଇଅଛି। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମେୟର, ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ ଶ୍ରୀମତୀ ସୁଲୋଚନା ଦାସ, ଏସ୍.ଏନ୍.ଓ କମ୍ ଡେପୁଟି ସେକ୍ରେଟାରୀ, ରାଜ୍ୟସରକାର ଡଃ. ରମେଶ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ ଯେ ଏହି ଶିବିର ପିଲାମାନଙ୍କର ବ୍ୟକ୍ତିତ୍ୱ ଏବଂ ପାଠପଢ଼ା ଉପରେ କିପରି ସୁପ୍ରବାହ ପକାଇଥାଏ, ତା'ର ବର୍ଣ୍ଣନା କରିଥିଲେ। ଏହି ଶିବିରରେ ଓଡ଼ିଶାର ୧୦ଟି ଜିଲ୍ଲାରୁ ୪୫୦ ରୁ ଊର୍ଦ୍ଧ୍ୱ ରୋଭର, ରେଞ୍ଜର, ରୋଭର ସ୍କାଉଟ ଲିଡର, ରେଞ୍ଜର ଲିଡର ଯୋଗ ଦେଇ ଫେଷ୍ଟର ବିଭିନ୍ନ ଦିବସରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ଯଥା ଫୁଡ୍ ଫେଷ୍ଟ, ଶାରୀରିକ କ୍ରୀଡ଼ା କୌଶଳ, ଫେଷ୍ଟିଭାଲ ଅଫ ଷ୍ଟେଟ୍, ଡ୍ୟାନ୍ସିଙ୍ଗ୍ ଗାଲା, ର୍ୟାମ୍ପ ୱାକ୍, ଯୋଗାସନ, ବିପି କ୍ରୀଡ଼ା କୌଶଳ ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପ୍ରଦର୍ଶନ ସହିତ ସେମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଶିବିର ବିଭିନ୍ନ ଦିବସରେ ଅନ୍ୟାନ୍ୟ ଅତିଥିମାନେ ଯୋଗ ଦେଇ ପିଲାମାନଙ୍କୁ ବନ୍ୟା, ବାତ୍ୟା ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି କାର୍ଯ୍ୟ କରିବେ ସେ ବିଷୟରେ ଓସଡମାର ଅଧିକାରୀମାନେ ତାଲିମ ପ୍ରଦାନ କରିଥିଲେ । ରାଜ୍ୟ ସଂଗଠନ କମିଶନର (ଗାଇଡ) ଏବଂ ଆଡମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।










## ଟି ଟାଇମ୍

# ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।



# ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆଶ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୩, ଡିସେମ୍ବର ୨**

# ଆକୁଳ ପ୍ରାର୍ଥନା ବିପଦ ଏଡାଇଥାଏ

**ପ୍ରଦୀପ୍ତ ମିଶ୍ର**

ଈଶ୍ୱର ଚ଼ିନ୍ତନ ମନରେ ନୂତନ ଆହ୍ୱାନ ସୃଷ୍ଟିକରେ, ବିପଦ ହେଉ ସମ୍ପଦ ହେଉ ଈଶ୍ୱରଙ୍କୁ ପ୍ରାର୍ଥନା କଲେ ମନରେ ଯେଉଁ ଦମ୍ଭ ଓ ଆତ୍ମବିଶ୍ୱାସ ଆଣିଦିଏ ତାହା ଅନନ୍ୟ ।ଅପରପକ୍ଷରେ ଯଦି ଏହି ପ୍ରାର୍ଥନା ସାମୁହିକ ହୋଇଯାଏ ଏବଂ ଆକୁଳ ନିବେଦନ ହୁଏ ଏହା ରାଷ୍ଟ୍ରପାଇଁ ମହାନିବେଷ ହୋଇଥାଏ ।ଏସମ୍ପର୍କ ରେ ରାମାୟଣ ର ଏକ ଦର୍ଶନ ସମ୍ବଳିତ କଥାକୁ ଉଦାହରଣ ଭାବରେ ନିଆଯାଇପାରେ । ଥରେ ରାଜା ଦଶରଥଙ୍କ ସହ ତାଙ୍କର ଅନ୍ୟତମା ବିଦୁଷି ଓ ଯୁଦ୍ଧନିପୁଣା ମହାରାଣୀ କୈକେୟୀ ବନ ଭ୍ରମଣରେ ଯାଇଥିଲେ ।ଅନେକ ବାଟ ଭ୍ରମଣ କରି ଏକ ବଡ ଗଛତଳେ ଦୁହେଁ ବିଶ୍ରାମ ନେଲେ ।କ୍ଲାନ୍ତ ହୋଇପଡିଥିବା ରାଜା ଦଶରଥଙ୍କର କିଛି ସମୟ ମଧ୍ୟରେ କ୍ଲାନ୍ତି ହେତୁ ନିଦ୍ରା ଆସିଗଲା ।କୈକେୟୀ ରାଜାଙ୍କର ବିଶ୍ରାମରେ ନିଜକୁ କ୍ଲାନ୍ତି ସତ୍ତ୍ୱେ ସଜାଗ ରହି ବଣର ଜୀବିଜନ୍ତୁ ମାନଙ୍କର କଥା ଶୁଣିବାରେ ନିମଗ୍ନ ରହିଲେ ।କୈକେୟୀ ସମସ୍ତ ଜୀବମାନଙ୍କ ଭାଷାକୁ ବୁଝିପାରିବାର ଦକ୍ଷତା ଥିଲା ।ଏହିସମୟରେ ସେ ସେହି ଗଛରେ ବସାବାନ୍ଧି ରହିଥିବା ଗୋଟିଏ ଗୃଧ୍ର ଦମ୍ପତିଙ୍କର ଆବେଗ ପୂର୍ଣ୍ଣ ବର୍ତ୍ତାଳାପ ଶୁଣି ପାରିଲେ ।ସ୍ତ୍ରୀ ଗୃଧ୍ର ଗର୍ଭବତୀ ହେତୁ ମଣିଷ ମାଂସ ଖାଇବାକୁ ଇଚ୍ଛା କରି ସ୍ୱାମୀଙ୍କ ନିକଟରେ ଅଳି କରୁଥାନ୍ତି ।ସ୍ୱାମୀ ଗୃଧ୍ର ତାଙ୍କୁ ଆଶ୍ୱାସନା ଦେଇ କହୁଥାନ୍ତି ଅପେକ୍ଷା କର ରାଜା ଦଶରଥଙ୍କ ଶାସନରେ ଗୋଟିଏ ମହାମାରୀ ଆଗକୁ ଆସିବ ଯେଉଁଥିରେ ଅନେକ ପ୍ରଜାଙ୍କର ମୃତ୍ୟୁ ହେବ ।ଆମେ ମନଭରି ମଣିଷ ମାଂସ ଭକ୍ଷଣ କରିବାର ସୁଯୋଗ ପାଇବା ।ସ୍ତ୍ରୀ ଗୃଧ୍ର ଏସବୁକୁ ଶୁଣି କହିଲେ ସ୍ୱାମୀ ମୋର ମଣିଷ ମାଂସର ଆବଶ୍ୟକତା ନାହିଁ ବରଂ ଆମଦେଶର ରାଜା ଦଶରଥଙ୍କ ଶାସନରେ ଏପରି କଳଙ୍କ ନଲାଗୁ, ଏହାର ନିରାକରଣ କଣ ।ପୁରୁଷ ଗୃଧ୍ର କହିଲେ ଯଦି ଦଶରଥଙ୍କ ପ୍ରଜାମାନେ ରାମ ରାମ ହୋଇ ଆକୁଳ ପ୍ରାର୍ଥନା କରିବେ ତେବେ ଏହି ବିପଦ ଅବଶ୍ୟ ଟାଳିଯିବ ।

କୈକେୟୀ ଏସବୁ କଥୋପକଥନ ଶୁଣି ଅନେକ ଚ଼ିନ୍ତା କରି କିପରି ଏପରି ବିପଦରୁ ରାଜ୍ୟକୁ ମୁକ୍ତି କରିହେବ ତାର ନିବାରଣ ନିମିତ୍ତ ମନ୍ଥରା ସହ ବିଚ଼ାର ବିମର୍ଷ କରି ଏହାହିଁ ନିରୂପଣ କଲେ ଯେ ରାଜା ତାଙ୍କୁ ଯାଚ଼ିଥିବା ବର ପ୍ରୟୋଗ କରି ରାମଙ୍କୁ ବନବାସ ଦେଲେ ପ୍ରଜାମାନେ ସମୁହ ରାମ ରାମ ଆକୁଳ ନିବେଦନ କରିବେ, ଯାହାଦ୍ୱାରା ଦେଶରବିପତ୍ତି ହାରିଯିବ, ବରଂ ସେ ସାରାଦିନ ପାଇଁ କଳଙ୍କ ବୋଝ ନିଅନ୍ତୁ ହେଲେ ପ୍ରଜାଙ୍କର ରକ୍ଷା ହେଉ ।ଏହା ରାଜପରିବାରର ନୈତିକ କର୍ତ୍ତବ୍ୟ । ତେଣୁ ଆକୁଳ ନିବେଦନ ପୁର୍ବକ ପ୍ରାର୍ଥନା ଅନେକ ବଡ ବଡ ବିପଦକୁ ବିଧ୍ୱସ୍ତ କରିଥାଏ ଏହା ସନ୍ଦେହହୀନ ।

*ଅରେଇ*
*ଯାଜପୁର*
*ମୋ: ୯୬୫୮୬୧୪୭୨୮*

# ଚ଼ାଷୀର ଭାଗ୍ୟ ରଶି ଆଉ ଫାସୀ

ବଳରାମ ପରିଡ଼ା

ବଳରାମ ପରିଡ଼ା, ହେ ଦୁନିଆର ବଡ଼ବାବୁ ମାନେ ତୁମ କଲମ ମୁନରେ,, ଚ଼ାଷୀ ର ଭାଗ୍ୟ । କେତେ ଦିନ ଆଉ ଚ଼ାଷୀ କୁ ଲୁଟିବ,,, ।ଚ଼ାଷ କାମ କରୁଥିବା ଚ଼ାଷୀ ଟିଏ ସମସ୍ତ ଙ୍କ ନଜରରେ ଗରିବ, ଖଟିଖିଆ ମୁଲିଆ ହୋଇପାରେ,,, କିନ୍ତୁ ତାହାରି ପରିଶ୍ରମ ରେ ଏ ସଂସାର କୁ ଦାନାଟିଏ ମିଳୁଛି । ତାକୁ ଏତେ ହୀନିମାନ କାହିଁକି ? ଖରା ବର୍ଷା ଶୀତ କାକର କୁ ଖାତିରି ନକରି ଯିଏ ଲୁହ ଲହୁକୁ ଏକାଠି କରି ହାଡ଼ଭଙ୍ଗା ପରିଶ୍ରମ କରେ,,, ସଂସାରରେ କ'ଣ ତାହାର କିଛି ମୂଲ୍ୟ ନାହିଁ । 'କଥାରେ ଅଛି ଚ଼ାଷ କାମ ଯାହାର ବଡସୁଖ ତାହାର'



ହେଲେ ଆଜି ତାହା ଓଲଟା ପରିଲକ୍ଷିତ ହେଉଛି । ଚ଼ାଷ କାମ ଯାହାର ବଡ଼ ଦୁଃଖ ତାହାର,,, । ଗରିବ ଚ଼ାଷୀ ଟିଏ ଏବେ ସମାଜରେ ଅବହେଳିତ ନିଷ୍ପ ?ସିତ,,, ଭଲରେ ଦିଓଳି ଦିମୁଠା ଖାଇବାକୁ ପାଉନି,,,, ସମସ୍ତ ଙ୍କ ନିଶ୍ୱାସ ଏଇ ସାଧାରଣ ଚ଼ାଷୀ ଉପରେ ପଡ଼ିଲା କାହିଁକି ? କି ଭୂଲ କରିଛି ଚ଼ାଷୀ,, । ନେତା ଠାରୁ ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଠକିଲେ ଠକିଲେ,,, ଶେଷରେ ଉପର ବାଲାବି ଠକିଲା,,, । ବର୍ଷା ଅଭାବରୁ ବିଲ ଫାଟି ଆଁ କଲାଣି,,,,ବିଲ ସବୁ ଥୋଡ ସମୟ,,,, କିଛି ଦିନ ଯାଇଥିଲେ ଅମଳ ହୋଇଥାନ୍ତା ହେଲେ କଣ ହେବ ଭଗାରି ସାଜିଲା ବର୍ଷା । ଥୋଡ ଧାନ ଜଳିଗଲା,,, ଚ଼ାଷୀ ହତାଶ ,,,ଏବେ ସବୁ ଏରିଆ ରେ ସଭପ୍ସଙ୍କକ୍ସବଭମର ବାଲାଙ୍କ ଭଲ ଜମିରେ କ୍ରପ କଟିଙ୍ଗ,,,,, ଏପଟେ କମ୍ୟୁନିଷ୍ଟ ପାର୍ଟିର ଚ଼ାଷୀ ଙ୍କ ପାଇଁ ଆନ୍‌ଦୋଳନ,,,, ସେପଟେ ସରକାରୀ ଦଳର ଗାଁ ଗହଳିର କୁଜି ନେତା ଠାରୁ ଆରମ୍ଭ କରି ଅଞ୍ଚଳର ବିଶିଷ୍ଟ ନେତା ମନ୍ତ୍ରୀ ମାନେ ସବୁ ପଞ୍ଚାୟତ ସରପଞ୍ଚ ଙ୍କୁ ଧରି କାମ ଭାଗବଣ୍ଟାରେ ବ୍ୟସ୍ତ ,,,,, ଚ଼ାଷୀ ଙ୍କ କଥା ବୁଝିବାକୁ ସମୟ କାହିଁ,,, କାମ ଗାଁ ଗହଳିର କୁଜି ନେତା ମାନଙ୍କୁ ନଦେଲେ ,,,ଆଗକୁ ନିର୍ବାଚ଼ନ,,, ହେଲେ ଏହା ସବୁ ଭିତରେ ଚ଼ାଷୀ ବଳିପଡୁଛି କାହିଁକି,,, ? ଚ଼ାଷୀ ଙ୍କ ପାଇଁ ମନ୍ତ୍ରୀ ଏ ମେ ଲ ଛାମୁଆ ନେତା ମାନେ କୁଆଡେ ଗଲେ,,,, ତାଙ୍କ ଚେଲା କ'ଣ ଚ଼ାଷୀ ନୁହଁ,,, ଗାଁ ର ଚେଲା ମାନେ କ'ଣ ତାଙ୍କ ଛାମୁଙ୍କୁ କହୁନାହାନ୍ତି,,,,, ସବୁ ଦଳରେ କ'ଣ ଚ଼ାଷୀ ନାହାନ୍ତି,,,, ଚ଼ାଷୀ କ'ଣ କେବଳ ଭାରତ ର କମ୍ୟୁନିଷ୍ଟ ପାର୍ଟିର ,,,,ସମାନେ କାହିଁକି ଚ଼ାଷୀ ଙ୍କ ପାଇଁ ଆନ୍‌ଦୋଳନ କରୁଛନ୍ତି,,,,,,ତାଙ୍କର କ'ଣ ସରକାର ଅଛି ।ସମାନେ ଯଦି ଆନ୍‌ଦୋଳନ କରିପାରୁଛନ୍ତି ,,,,,,ତାହାଲେ ରଣପୁର ଅଞ୍ଚଳରେ ବିଶିଷ୍ଟ ରାଜନୈତିକ ଦଳର ଛାମୁଆ ବୋଲାଉ ଥିବା ନେତା ଠାରୁ ଆରମ୍ଭ କରି ଗାଁ ଗହଳିର କୁଜି ନେତା ଙ୍କୁ ଅନୁରୋଧ ଚ଼ାଷୀ ଙ୍କ ପାଇଁ ଆଗକୁ ଆସନ୍ତୁ,,,, ଠିକ୍ ଭାବେ ସଭଙ୍ଗରସ୍ପସଶବସ୍ପସକ୍ଟଭ କରନ୍ତୁ,,,,, ଚ଼ାଷୀ ଆତ୍ମହତ୍ୟା ରୋକନ୍ତୁ, ।ବର୍ଷକର ପରିଶ୍ରମ ଆଖି ଆଗରେ ଜଳି ଯାଉଛି । ବର୍ଷ ଜାକର ପରିଶ୍ରମ କରି ଯାହାକରିଥିଲି ମୋ ଆଖି ଆଗରେ ଜଳି ଯାଉଥିବା ଦେଖି ମୁଁ ସହିବି କେମିତି ? ସହି ପାରୁନି ମୁଁ,,, ଏହା ଦେଖିବା ଆଗରୁ ମୁଁ ଏ ଦୁନିଆରେ ନଥିବି,,,, କାରଣ ସରକାର ଙ୍କ ଋଣ ବୋଝ ଶୁଝିବି କେମିତି,,, ମୋ ପରିବାର ଖାଇବେ କ'ଣ ? ବଞ୍ଚିବେ କେମିତି,,,,ଏହି କଥା ଭାବିଲା ବେଳକୁ ମୁଁ ବ୍ୟସ୍ତ ବିବ୍ରତ ହୋଇପଡୁଛି । ତେଣୁ ହେ,,,, ଦୁନିଆର ସରକାରୀ ବଡ଼ବାବୁ ମାନେ,,, ଚ଼ାଷୀ କୂଳକୁ ଟିକିଏ ବଞ୍ଚ ?ଇ ଦିଅ,,,, ସଂସାରର ପ୍ରତ୍ୟେକ ଚ଼ାଷୀ ଯଦି ଏଇମିତି ଆତ୍ମହତ୍ୟା କରନ୍ତି,,,ତାହାଲେ ଚ଼ାଷ କାମ କରିବ କିଏ ? ସାରା ସଂସାର କୁ ଆହାର ଯୋଗାଇବ କିଏ,,,, ମଣିଷ ସମାଜ ବଞ୍ଚିବ କେମିତି ? ଯାହା ପାଇଁ ସାରା ସଂସାର ରେ ଖାଦ୍ୟ ର ଅଭାବ ପଡୁନି,,,,ଯିଏ ସଂସାର କୁ ଖାଦ୍ୟ ଯୋଗାଉଛି ତାହା ପାଇଁ,,, ନେତା ମନ୍ତ୍ରୀ ଠାରୁ ଆରମ୍ଭ କରି ସରକାରୀ ବାବୁମାନେ ଏତେ ନିଷ୍ଠୁର କାହିଁକି ।

# ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟା



ଡାକ୍ତର ସମ୍ରାଟ କର

ଜଳବାୟୁ ପରିବର୍ତ୍ତନ ହେତୁ ପ୍ରବଳବର୍ଷା, ଭୂସ୍ଖଳନ, ଘୂର୍ଣ୍ଣିବଳୟ, ମରୁଡ଼ି ଇତ୍ୟାଦି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି । ଗତ କିଛି ଦଶନ୍ଧି ମଧ୍ୟରେ ବିଶ୍ୱସ୍ତରରେ ଜଳବାୟୁ ଦ୍ୱାରା ସୃଷ୍ଟି ହେଉଥିବା ବିପର୍ଯ୍ୟୟ ମାନବ ଜୀବନ ଓ ଏହାର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ଉତ୍ତରପ୍ରଦେଶ, ତାମିଲନାଡୁ, ବିହାର, ଆସାମ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଦେଖା ଦେଉଥିବା ବନ୍ୟା ସ୍ଥିତି ହେଉଛି ଜଳବାୟୁ ପରିବର୍ତ୍ତନର କାରଣ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲୁଏଚ୍‌ଓ ଅନୁସାରେ ୨୦୩୦ ଓ ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ କୁ ପୋଷଣ, ମ୍ୟାଲେରିଆ, ଡାଇରିଆ, ଲୁ ଆଦି ଯୋଗୁଁ ବର୍ଷକୁ ଅଢ଼େଇ ଲକ୍ଷ ଲୋକଙ୍କ ଅକାଳ ବିୟୋଗ ଘଟିବ । ବିଶେଷକରି ଯୁବପିଢ଼ି ଓ ବରିଷ୍ଠ ନାଗରିକ ଏଭଳି ଏକ ଦୁଷ୍ପରିଣାମ ସାମ୍ନା କରିବେ । ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି, ବାୟୁ ମଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁଁ ଲୋକେ ନୂଆ ନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଯାହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ତିଆରି ହୋଇନାହିଁ । ମୁଖ୍ୟତଃ ଏହାଦ୍ୱାରା ସଂକ୍ରାମକ ରୋଗ ବୃଦ୍ଧି ପାଉଛି । ଯଦି ତାପମାତ୍ରା ବୃଦ୍ଧି ନିୟନ୍ତ୍ରିତ ନ ହୁଏ, ତେବେ ଆଗାମୀ ଦିନରେ ଅର୍ଥାତ ୧୦-୨୦ ବର୍ଷ ମଧ୍ୟରେ ଭୟଙ୍କର ବିନାଶ ମଧ୍ୟ ଘଟିପାରେ । ସେହିପରି ଶରୀରର ଟିସୁ ଭାବେ କାମ କରିବ ନାହିଁ । ମୁଖ୍ୟତଃ ଶୀତରେ ଅତ୍ୟଧିକ ଗରମ ହେଉଥିବାରୁ ମଶା ସଂଖ୍ୟା ବୃଦ୍ଧି ପାଉଛି । ଫଳରେ ଲୋକେ ମ୍ୟାଲେରିଆ, ଡେଙ୍ଗୁ, ଜିକା ଭାଇରସ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି । ବଡ଼ କଥା ହେଉଛି କ୍ୟାନସର ଆଶଙ୍କା ମଧ୍ୟ ବଢ଼ିବ । କ୍ୟାନସର ଭଳି ମାରାତ୍ମକ ରୋଗ ପାଇଁ ଜଳବାୟୁ ପରିବର୍ତ୍ତନର ମଧ୍ୟ ଅନ୍ୟତମ କାରଣ । ନାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏନଭରମେଣ୍ଟାଲ ହେଲଥ ସାଇନ୍ସରେ ଏ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି । ଅତ୍ୟଧିକ ଗରମ କାରଣରୁ ରସାୟନ କଣିକା ପବନରେ ରହିଥାଏ । ଯଦ୍ୱାରା ଶ୍ୱାସକ୍ରିୟା ସମୟରେ ଏହି କଣିକା ଶରୀରକୁ ଯାଇ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ । ସେହିପରି ବାୟୁ ପ୍ରଦୂଷଣର ପ୍ରଭାବ ମଧ୍ୟ କ୍ୟାନସରର ଅନ୍ୟତମ କାରଣ । ଅତ୍ୟଧିକ ପ୍ରଦୂଷଣ ଯୋଗୁଁ ଓଜୋନ ସ୍ତରରେ ଛେଦ ସୃଷ୍ଟି ହୁଏ । ଫଳରେ ଅତିବାଇଗଣୀ ରଶ୍ମୀ ଚର୍ମକୁ କର୍କଟର କାରଣ ହୋଇଥାଏ । ସେହିପରି ଶ୍ୱାସରୋଗୀଙ୍କ ସଂଖ୍ୟା ବଢ଼ିବ । ଅନ୍ୟପଟେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଲେ ବାୟୁ ପ୍ରଦୂଷଣ ବଢ଼ିବ । ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜିବ । ତା ସହ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦେଖାଦେବ । କେବଳ ଏତିକି ନୁହେଁ ଶ୍ୱାସ ରୋଗୀଙ୍କ ସଂଖ୍ୟା ବି ବୃଦ୍ଧି ପାଇବ । ଏଭଳି ହୃଦ୍‌ଘାତ, ଜଳ ଶୁଷ୍କତା ଓ ଚିଡ଼ଚିଡ଼ାପଣ ଆଦି ସମସ୍ୟା ଦେଖାଦେବ । ଅନ୍ୟପଟେ ତମାମ ସମସ୍ୟା ପିଲାଙ୍କ ମସ୍ତିଷ୍କ ବିକାଶ ଉପରେ ପ୍ରଭାବ ପକାଇବ । ଅନେକ ହୁଏତ ଜାଣିନଥାନ୍ତି ଏ ନେଇ ଜଳଜାତ ରୋଗ ସୃଷ୍ଟି ହେବ । ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶରୀର ଉପରେ ପଡୁଛି । ସେହିପରି ସ୍ୱାସ୍ଥ୍ୟ ଲାଗି ଜରୁରୀ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ । ସମୁଦ୍ର ସ୍ତର ବୃଦ୍ଧି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ । ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ । ଏମିତି ବି ହୋଇପାରେ ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି । ବଡ଼ କଥା ହେଉଛି ମାନସିକ ରୋଗ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖା ଦେଉଥିବା ରୋଗ ମଧ୍ୟରେ ସବୁଠାରୁ ଆଗରେ ଅଛି ମାନସିକ ରୋଗ । ଏହା ସହ ପିଲାମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନର ଶିକାର ହେଉଛନ୍ତି । ମନୋବିଜ୍ଞାନୀଙ୍କ ଅନୁସାରେ, ଛୋଟ ପିଲାଙ୍କ ଠାରେ ଚିନ୍ତା, ଅବସାଦ, ଦୁଃଖ ଆଦି ସମସ୍ୟା ଦେଖିବାକୁ ମିଳୁଛି । ସେହିପରି ପିଲାଙ୍କ ଠାରେ ଦେଖା ଦେଉଥିବା ଏଭଳି ସମସ୍ୟାକୁ ମନୋବିଜ୍ଞାନୀ ଇକୋ ଆନଜାଇଟିଂ ବୋଲି କହିଥାନ୍ତି । ଏବେ ପୃଥିବୀ ବସବାସ କରିବା ଯୋଗୁଁ ନୁହେଁ ବୋଲି ସେମାନେ ଭାବୁଛନ୍ତି । ଆଉ ଏ କଥା ସେମାନଙ୍କ ମନରେ ବସା ବାନ୍ଧି ଗଲାଣି । ଯେତେବେଳେ ସେମାନେ ବଡ଼ ହେବେ, ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀ ଧ୍ୱଂସ ହୋଇଯିବ । ଅନ୍ୟପଟେ ପିଲାଙ୍କ ବ୍ୟବହାରରେ ଆସୁଥିବା ପରିବର୍ତ୍ତନ ପାଇଁ ଅନେକାଂଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି । ତେବେ ଦୁଃଖର ବିଷୟ ହେଉଛି କେବଳ ବଡ଼ ଲୋକ ନୁହଁନ୍ତି ବରଂ ଛୋଟ ଛୋଟ ପିଲାମାନେ ମଧ୍ୟ ମାନସିକ ରୋଗର ଶିକାର ହେଉଛନ୍ତି । ହଠାତ୍ କୌଣସି ବିଷୟକୁ ନେଇ ରାଗିଯିବା, ଚିଡ଼ି ଯିବା, ହତାଶ ହେବା, ଦୁଃଖ କରିବା ଆଦି ଲକ୍ଷଣ ସେମାନଙ୍କ ଠାରେ ଦେଖାଦେଉଛି । ଯାହାକି ମାନସିକ ରୋଗକୁ ହିଁ ଇଙ୍ଗିତ କରୁଛି । ପୁଣି ପ୍ରଦୂଷିତ ସହରରେ ପିଲାଙ୍କ ଠାରେ ଅବସାଦ ଓ ମାନସିକ ରୋଗ ବୃଦ୍ଧି ପାଉଛି ।

ଏଣିକି ଲୋକେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରୀଡ଼ିତ ହେବେ । ଅର୍ଥାତ୍ ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପ୍ରକୃତି ଉପରେ ନୁହେଁ ବରଂ ଏହାର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡୁଛି । ସମ୍ପ୍ରତି ଏହା ଏକ ନୂଆ ରୋଗ ଭାବେ ଉଭା ହୋଇଛି । ଏପରିକି ପାଖାପାଖି ଏହାଦ୍ୱାରା ସବୁ ଦେଶ ମଧ୍ୟ ପ୍ରଭାବିତ ହେଲେଣି । ଏହି କ୍ରମରେ ନିକଟରେ କାନାଡ଼ାରେଜଣେ ୭୦ ବର୍ଷୀୟା ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ ହୋଇଛନ୍ତି । ତା ସହ ଏହା ହେଉଛି ବିଶ୍ୱର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଥମ ମାମଲା । କାନାଡାର ବ୍ରିଟିଶ କଲମ୍ବିଆର ଜଣେ ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ । ଅବଶ୍ୟ ମହିଳାଙ୍କ ନାଁ ଏବେ ସାମ୍ନାକୁ ଆସିନାହିଁ । ସମ୍ପୃକ୍ତ ମହିଳାଙ୍କର ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଥିବା ନେଇ କାନାଡ଼ାର କୁଟନି ଲେକ ହସ୍ପିଟାଲର ଡାକ୍ତର କାଇଲ ମେରିଟ୍‌ଙ୍କ ପାଖକୁ ଚିକିତ୍ସିତ ହେବାକୁ ଆସିଥିଲେ । କାଇଲ ତାଙ୍କର ଚିକିତ୍ସା କରିବା ପରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥିବା କହିଥିଲେ । ସାଧାରଣତଃ କାନାଡାକୁ ସବୁଠୁ ଥଣ୍ଡା ଦେଶ ବୋଲି କୁହାଯାଏ । ଏଠାରେ ତୁଷାରପାତ ହେବା ସହ ତାପମାତ୍ରା ମାଇନସ ଡିଗ୍ରୀକୁ ଚାଲିଯାଏ । ମାତ୍ର ଏଥର ଜୁନ-ଜୁଲାଇରେ ଦେଖା ଦେଇଥିବା ହିଟ୍ ୱେଭ ଯୋଗୁଁ କାନାଡା ସ୍ଥିତି ଗୁରୁତର ଭାବେ ପ୍ରଭାବିତ ହୋଇଛି । ହିଟ୍ ୱେଭ ଯୋଗୁଁ କାନାଡାର ତାପମାତ୍ରା ଥିଲା ୪୯.୬ ଡିଗ୍ରୀ ସେଲସିୟସ । ଯାହାକି କାନାଡ଼ା ଇତିହାସରେ ସର୍ବାଧିକ ତାପମାତ୍ରା । ହିଟୱେଭ ଯୋଗୁଁ ଜଙ୍ଗଲରେ ନିଆଁ ଲାଗିବା ଓ ଧୂଆଁ ଯୋଗୁଁ ପବନର ଗୁଣବତ୍ତା ମଧ୍ୟ ଖରାପ ହେଲା । ଯେଉଁଥି ପାଇଁ ମହିଳାଙ୍କ ଠାରେ ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଓ ସେ ଏବେ ସୁଦ୍ଧା ଏଥିରୁ କାନାଡାରେ ୫୦୦ ଜଣ ପ୍ରାଣ ହରାଇଛନ୍ତି । ଯଦିଓ ମହିଳା ଜଣକ ହାଇଡ୍ରେଟ ରହିବା ପାଇଁ ଚେଷ୍ଟା କରୁଛନ୍ତି, ତଥାପି ଲୁ' ତାଙ୍କ ଶରୀରକୁ ଅତ୍ୟଧିକ ମାତ୍ରାରେ ପ୍ରଭାବିତ କରିଛି । ସେହିପରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଇବ ତାହା ମଧ୍ୟ ଏଥିରୁ ବିଶେଷଜ୍ଞମାନେ ସ୍ପଷ୍ଟ ଭାବେ ବୁଝିପାରୁଥିବା ସେ କହିଛନ୍ତି । ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଲୋକମାନେ ଘରଛାଡ଼ି ପଳାୟନ କରିବାକୁ ବାଧ ହେବେ । ବିଶେଷଜ୍ଞଙ୍କ ଅନୁସାରେ ୨୦୫୦ ସୁଦ୍ଧା ପ୍ରାୟ ୨୦ କୋଟି ଲୋକ ଏହା ଯୋଗୁଁ ନିଜ ଭିଟାମାଟି ଛାଡ଼ିବେ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,*
*ପୁରୀଘାଟ ରୋଡ, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

# 'ଇ-ଆବର୍ଜନାର ସଂକଟ'



ବିପିନ ବିହାରୀ ରାଉତ

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି । ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ ।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୧୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୧୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ । ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ବିଜ୍ଞାନର ଦ୍ରୁତ ବିକାଶ ଫଳରେ ମଣିଷ ହାତମୁଠାରେ ସବୁକିଛି ପାଇଯାଉଛି ଭାବନା ରଖି ଦିନକୁ ଦିନ ଜନସଂଖ୍ୟାର ବୃଦ୍ଧି, ଜଙ୍ଗଲ ସମ୍ପଦର କ୍ଷୟ, କୀଟନାଶକର ପ୍ରୟୋଗ ଓ ବ୍ୟାପକ ଯାନବାହାନ ଚଳାଚଳ ପାଇଁ ପରିବେଶକୁ ପ୍ରଦୂଷିତ କରିବା ସହ ଇ-ଆବର୍ଜନାର ସଙ୍କଟକୁ ବଢ଼ାଉଛି ମଧ୍ୟ ତେଣୁ ଆଜି ଏହି ଦିବସରେ ଆମେ ସମସ୍ତେ ସଚେତନ ହେବାପାଇଁ ନିଜ ଦାୟିତ୍ୱକୁ ନିର୍ବାହ ପାଇଁ ପ୍ରତିଜ୍ଞାବଦ୍ଧ ହେବା ଅତ୍ୟନ୍ତ ଜରୁରୀ ।

ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ : ୯୪୩୭୬୬୬୪୫୩

# "ହାତୀ ମେରା ସାଥି"

**କାଳି ଦାସ**

ଆଜି କାଲି ହାତୀ ଙ୍କୁ ନେଇ ଅନେକ ସମସ୍ୟା ଦେଖିବାକୁ ମିଳୁଛି । ହାତୀ ମାନେ ଜଙ୍ଗଲ ଛାଡି ଜନବସତି ଭିତର କୁ ଆସି ଯାଉଛନ୍ତି । ହାତୀ ପଲ୍ଲ ଚ଼ାଷ ଜମି ନଷ୍ଟ କରୁଛନ୍ତି । ଗାଁ ଗୁଡିକର ମାଟି ଘର ଭାଙ୍ଗୁଛନ୍ତି ବେଳେ ବେଳେ ମଣିଷ ଙ୍କୁ ମଧ୍ୟ ମାରିବାକୁ ପଛଘୁଞ୍ଚା ଦେଉ ନାହାନ୍ତି ।ଯଦି ଓ ହାତୀ ଗୋଟିଏ ହିଂସ୍ର ଜୀବ ନୁହେ ତଥାପି ହାତୀ ଦ୍ୱାରା ଅନେକ ଲୋକ ମରିଲେଣି । କାହିଁକି ହାତୀ ଆକ୍ରମଣ କରିବା ପାଇଁ ଆଗେଇ ଆସୁଛି ?କଥା ରେ ଅଛି "ହାତୀ ମରିଲେ ଲକ୍ଷେ ,ହାତୀ ବଞ୍ଚିଥିଲେ ଲକ୍ଷେ" । ମୃତ ହାତୀର ଦାନ୍ତ , ଚ଼ମଡା ବିକ୍ରି କରି ଶିକାରୀ ମାନେ ଅନେକ ପଇସା ପାଇଥାନ୍ତି ସେଥିପାଇଁ ସେମାନେ ଲୁଚ଼ିଛୁପି ହାତୀ କୁ ହତ୍ୟା କରିଥାନ୍ତି । ଫରେଷ୍ଟ ଡିପାର୍ଟମେଣ୍ଟ ବେଳେ ବେଳେ ଏହି ଶିକାରୀ ଙ୍କୁ ଧରି ଥାନ୍ତି ।ଜଙ୍ଗଲର ହାତୀ ଖାଦ୍ୟ ଅଭାବ ରୁ ସହର ବା ଗ୍ରାମ ଆଭିମୁଖୀ ହୋଇଥାଏ ।ଆଧୁନିକ ମଣିଷ ହାତୀ ଏବଂ ଅନ୍ୟ ବଣ୍ୟଜନ୍ତୁ ଙ୍କ ଆଶ୍ରୟ ସ୍ଥଳୀ ଗୁଡିକୁ ନିଜ ଆକ୍ତିଆର କୁ ନେଇ ଆସିଲା ପରେ ହାତୀ ବାଧ ହୋଇ ଜନବସତି କୁ ଆସୁଅଛି ।ହାତୀ କୁ ବହୁ ପୁରୁଣା କାଳ ରୁ ମଣିଷ ପୋଷା କରାଇପାରିଛି । ହାତୀ ଦ୍ୱାରା ଅନେକ କାର୍ଯ୍ୟ ମଧ୍ୟ କରାଯାଇଛି । ଯେହେତୁ ହାତୀ ଗୋଟିଏ ବିଶାଳ କାୟ ଜୀବ ଏବଂ ତାର ଶକ୍ତି ମଧ୍ୟ ଅସିମ ସେଥିପାଇଁ ସେ ମଣିଷ ର ଅନେକ କାମ ରେ ଆସିପାରିଛି ।ପୌରାଣିକ ସମୟ ରେ ମଧ୍ୟ ହାତୀ କୁ ପୋଷା ଯାଉ ଥିଲା ଏବଂ ଭିନ୍ନ ଭିନ୍ନ କାମ ମଧ୍ୟ ହାତୀ ଦ୍ୱାରା କରାଯାଉଥିଲା । ମହାଭାରତ ଯୁଦ୍ଧ ରେ ହାତୀ ସେନା ର ବର୍ଣ୍ଣନା ରହିଛି । ହାତୀ କୁ ଆମ ସଂସ୍କୃତି ରେ ଗୋଟିଏ ଶୁଭ ପଶୁ ବୋଲି ମାନ୍ୟତା ମିଳିଛି । ଲକ୍ଷ୍ମୀ ଙ୍କ ପାଖରେ ହାତୀ ର ସ୍ଥାନ ଥାଏ । ସେହି ପରି ଇନ୍ଦ୍ରଙ୍କୁ ଐରାବତ ହାତୀ ପିଠି ରେ ବସିବା ର ବର୍ଣ୍ଣନା ରହିଛି ।ଆଜି ଦ୍ରୁତଗତି ରେ ଜଙ୍ଗଲ କଟା ଯାଇଛି । ଆମର ପରିବେଶ ନଷ୍ଟ ହୋଇ ଚ଼ାଲିଛି ଏମିତି ନହେଉ ଦିନେ ଆମେ ଆମ ଛୁଆମାନଙ୍କୁ କେବଳ ଚ଼ିତ୍ର ରେ କିମ୍ବା ମୂର୍ତ୍ତି ଆକାରରେ ହାତୀ କୁ ଦେଖାଇବାକୁ ପଡିବ । ଏମିତି ନ ହେଉ ହାତୀ ପୃଥିବୀ ପୃଷ୍ଠରୁ ଲୋପ ପାଇ ଯିବେ ।ହାତୀ ମାନେ ଅନେକ ସମୟ ରେ ଅନେକ ଦୁର୍ଘଟଣାର ଶିକାର ହେଉଛନ୍ତି ।ବିଗତ ଆଠ ବର୍ଷ ଭିତରେ ୬୯୮ ଟି ହାତୀ ଙ୍କ ମୃତ୍ୟୁ ହୋଇଛି । ବର୍ତ୍ତମାନ ଓଡିଶାରେ ହାତୀ ଙ୍କ ସଂଖ୍ୟା ୧୭୯୬ । ଓଡିଶା ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ କହିବା ଅନୁଯାଇ ହାତୀ ମାନେ ରୋଗରେ ପଡି କିମ୍ବା ବିଦ୍ୟୁତ ତାର ର ସମ୍ପର୍କ ରେ ଆସି, ଟ୍ରେନ ଲାଇନ ରେ କଟି କିମ୍ବା ଅନ୍ୟ ଦୁର୍ଘଟଣା ପାଇଁ ମୃତ୍ୟୁବରଣ କରିଥାନ୍ତି । ଏହା ସହିତ ମାଇନିଙ୍ଗ ଗୋଟିଏ ବଡ ସମସ୍ୟା ଯେଉଁଥି ପାଇଁ ହାତୀ ସଂଖ୍ୟା ହ୍ରାସ ପାଇବା ରେ ଲାଗିଛି ।କେନ୍ଦୁଝର ଜିଲା ରେ ୨୦୦୨ ରେ ୧୧୨ ଟି ହାତୀ ଥିବା ବେଳେ ବାର୍ତ୍ତମାନ ମାତ୍ର ୪୦ ଟି ହାତୀ ଦେଖିବା କୁ ମିଳୁଛି । ସେହିପରି ଢେଙ୍କାନାଳ ଜିଲ୍ଲା ରେ ୨୦୦୨ ମସିହା ରେ ୮୧ ହାତୀ ଥିଲା ବେଳେ ବର୍ତ୍ତମାନ ମାତ୍ର ୧୬୯ ଟି ହାତୀ ଦେଖିବା କୁ ମିଳୁଛି କିନ୍ତୁ ଚ଼ନ୍ଦକା ରୁ ୭୦ ଟି ହାତୀ, ଗଞ୍ଜାମ ଜିଲ୍ଲା ଓ ୟାଗଡ ଜିଲ୍ଲା କୁ ଚ଼ାଲିଯାଇଛନ୍ତି । ଏହି ଭିତରୁ ଗଞ୍ଜାମ ଜିଲ୍ଲା ରେ ଅନେକ ହାତୀ ଟ୍ରେନ ଧକ୍କା ରେ ମୃତ୍ୟୁବରଣ କରିଛନ୍ତି । ହାତୀ ଦ୍ୱାରା ଯଦି କୌଣସି ବ୍ୟକ୍ତି ବିଶେଷଙ୍କ ମୃତ୍ୟୁ ଘଟିଥାଏ ତା ହେଲେ ସରକାର ମୃତ ବ୍ୟକ୍ତି ଙ୍କ ପରିଜନ ଙ୍କୁ ତିନି ବା ଚ଼ାରି ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଥାନ୍ତି କିନ୍ତୁ ଏମିତି ଘଟଣା ଘଟୁଛି କାହିଁକି । ଏହା କେବଳ ହାତୀ କଥା ନୁହେ ଅନ୍ୟ ଜଙ୍ଗଲି ପଶୁଙ୍କ ଅବସ୍ତା ମଧ୍ୟ ସଙ୍କଟା ପୂର୍ଣ୍ଣ । ଜଙ୍ଗଲ ରେ ରହୁଥିବା ପଶୁ ମାନଙ୍କୁ ସେମାନ ଙ୍କ ବାସ ସ୍ଥାନ ରେ ଶାନ୍ତି ରେ ରହିବା ପାଇଁ ମଣିଷ କାହିଁକି ଦେଉନାହିଁ । ଜଙ୍ଗଲ କୁ ନିଜର ସ୍ୱାର୍ଥ ପାଇଁ କାଟିବା ଏକ ଜଘନ୍ୟ ଅପରାଧ । ସରକାର ଓ ପ୍ରଶାସନ କଳ ର ନିସ୍ପୃହତା ପାଇଁ ଆଜି ଆମର ଜଙ୍ଗଲ ପଶୁ ଙ୍କ ଜୀବନ ସଙ୍କଟ ରେ ।ଜଙ୍ଗଲ କେବଳ ଜଙ୍ଗଲି ପଶୁଙ୍କ ଘର ନୁହେଁ ଜଙ୍ଗଲ ଆମ ର ପରିବେଶ ର ଗନ୍ତାଘର ଯେବେ ଯାଏଁ ଆମେ ଜଙ୍ଗଲ ର ମହତ୍ୱ ବୁଝି ପରିବାନି ଆମେ ଆମ ଜଙ୍ଗଲ ରେ ରହୁଥିବା ପଶୁଙ୍କ ସହିତ ଅନ୍ୟାୟ କରୁଥିବା ।

ବ୍ରହ୍ମପୁର,
ଖୋଡାସିଙ୍ଗ କଳିଙ୍ଗନଗର ,
ଫୋନ ନମ୍ବର -
୭୨୦୫୧୦୦୮୩୯ ?




# ଧାନ ଫସଲର କୀଟ ପରିଚାଳନା



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...

**ଚକଡା ପୋକ-** ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ବାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡାଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ ।

ପ୍ରତିକାର - * ଚକଡା କୀଟ ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ ।

* ସହନଶୀଳ କିସମ ଯଥା ଗୋଦାବରୀ, କ୍ରିଷ୍ଣାଭେନି, ଚୈତନ୍ୟ ପ୍ରଭୁତି ବ୍ୟବହାର କରିବା ଆବଶ୍ୟକ।

* ଧାନ ଜମିର ମଝି ଭାଗରେ କନ୍ଦି କରନ୍ତୁ । ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।

* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ ।

* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।

* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ ।



ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି। ଏମାନେ ଫିମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁନିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍ଗ ସଁବାଳୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଉଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତା ବ୍ୟବହର କରିବା ଉଚିତ୍।

-ପଟାସ ସାର ବ୍ୟବହାର କରିବା ଦରକାର।

-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତାର ବ୍ୟବହାର କରିବା

ଇମିଡ଼ାକ୍ଲୋପିଡ୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ,
ବାସୁଦେବପୁର,ଭଦ୍ରକ,
ମୋ:୯୪୩୮୪୬୭୦୭୯)

# ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ

**ଜୀବନ ଚକ୍ର :**

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ। ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ। ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ । ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷାରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତତ୍ପରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ। ଏହି କୀଟର ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଈ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ। ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

**କ୍ଷତି :**

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ। ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ । ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ। ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ। ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ । ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ । ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଙ୍ଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ। ଏହା ବ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ



ଭୁବନାନନ୍ଦ ଅଧିକାରୀ
*କୀଟ ଟିଏ କଥା ଟିଏ - ୪*

ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ । ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।

**ନିୟନ୍ତ୍ରଣ :**

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ବନ ଆବଶ୍ୟକ। ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ । ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ସ୍ପୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ । ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉତ୍କଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ। ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ। ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର। ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଢ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ । କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି। କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ । ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ। ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୬୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତା ବସାଇ (୫ ଏକରକୁ ୧ଟି ଯନ୍ତା ବସାଇବାର ୬୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାରିଲ ୫୦ ପ୍ରତିଶତ ଗୁଣ୍ଡ ଲିଟର ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭାଇମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ।

ମୋ- ୯୫୮୩୨୮୫୪୯୯

# କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

ଦୀପାୟନ ପାଢ଼ୀ

*କପା ଏକ ମୁଖ୍ୟ ଅର୍ଥକାରୀ ଫସଲ । ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ । ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା । କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା । ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ । ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ । ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ ।*

*ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି । ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନ୍ୱୟିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଚ୍ଛେଦ୍ୟ ଅଙ୍ଗ । ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ । ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହେଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ ।*

*ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।*

ପରଭୋଜୀ କୀଟ :

**ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):**

ଏହାର ଅନ୍ୟ ନାମ କାନ୍ଦୁଲ ଫାଳିଆ ପୋକ। ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି । କିନ୍ତୁ ଭୃଙ୍ଗ ଗୁଡ଼ିକ ଲମ୍ବାଳିଆ ଏବଂ ପଛଭଗତି ତିନିକୋଣିଆ । ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ । ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି ।

ଏହାର ସୁକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି । ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି । ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ । ଯଥା- ଜଉପୋକ, ପତ୍ରଡିଆଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି । ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

**ବୁଢ଼ିଆଣୀ :**

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି । କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି, ତ କିଛିଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି । କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ବା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି । ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି ।

**ସିରଫିଡ଼ ମାଛି :**

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ । ମାଈ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ। ଅଣ୍ଡାରୁ ଶୂକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ । ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ । ସାଧାରଣତ ମାଛି ଶୂକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି । ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ ।

**କ୍ରାଇସୋପେର୍ଲା :**

ଏହାକୁ ଜଉପୋକର ଖାଦନ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଈ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ । ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି । ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ । ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି । ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ ।

**ଶିକାରୀ ଝିଣ୍ଟିକା :**

ଏହା ଏକ ସର୍ବକୀଟଭୋଜୀ ପୋକ । ଏହା ସବୁ ପ୍ରକାର ଫସଲରେ ଦେଖାଯାଏ । ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ । ଏହାର ମୁଣ୍ଡଟି ଚାରି ଦିଗକୁ ଘୂରିପାରେ। ଏହାର ମାଈ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା ଦେଇଥାଏ । ଏଥିରେ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ଅନ୍ୟ କୀଟ ମାନଙ୍କୁ ଖାଇଥାନ୍ତି । ଏହି ଉପକାରୀ ପୋକଟି ଗୋଟିଏ ଦିନରେ ହାରାହାରି ୪ଟି ଶୂକ ପୋକ ଖାଇପାରେ ।

**ରେଡ୍ଡୁଭିଡ଼ ବଗ ବା ହତ୍ୟାକାରୀ ପୋକ :**

ହତ୍ୟାକରୀ ପୋକ ଏକ ବିଶେଷ ଧରଣର ଉପକାରୀ କୀଟ। ଏହା ନିଜ ଠାରୁ ଭାରି ଓ ବଡ଼ ଆକାରର କୀଟ ମାନଙ୍କୁ ଶିକାର କରିଥାନ୍ତି । ଏହି ହତ୍ୟାକାରୀ କୀଟ ମୁଖ୍ୟତଃ ଶୂକ ପୋକ, ଜଉପୋକ ଓ ଅନ୍ୟ ପୋକମାନଙ୍କର ଅଣ୍ଡା ଖାଏ । ଏହା ନିଜର ଶୁଣ୍ଢ ଦ୍ୱାରା ଶିକାର ଶରୀର ମଧ୍ୟରେ ଏକ ବିଷାକ୍ତ



ପଦାର୍ଥ ଛାଡ଼ିଥାଏ । ତଦ୍ୱାରା ଶିକାର ପୋକଟି ନିସ୍ତେଜ ହୋଇଥାଏ, ଯାହାକି ଶିକାରୀ ପୋକକୁ ଶିକାର ଠାରୁ ରସ ଶୋଷିବାରେ ସହାୟକ ହୋଇଥାଏ । ଏହା ଦିନକୁ ହାରାହାରି ୬ଟି ଶୂକପୋକକୁ ଶିକାର କରେ ।

ପେଣ୍ଟାଟୋମିଡ଼ (ପଞ୍ଚକୋଣୀ)

**ବଗ ବା ଢ଼ାଲ ବଗ :**

ଏହାର ମାଈ ପୋକଟି ପତ୍ରର ଉପରି ଭାଗରେ ଉଜ୍ଜ୍ୱଳ ଧାତୁ ରଙ୍ଗର ଅଣ୍ଡା ଧାଡ଼ିରେ ଦେଇଥାନ୍ତି । ଏହିପୋକ ଗୁଡ଼ିକ ନିଜ ଲମ୍ବା ଶୁଣ୍ଢ ଦ୍ୱାରା ରସ ଶୋଷି ନିଜ ଆକାର ଠାରୁ ବଡ଼ କୀଟମାନଙ୍କୁ ଖାଇ ପାରନ୍ତି । ଏମାନେ ଗୋଟିଏ ଦିନରେ ହାରାହାରି ୫ଟି ଶୂକକୁ ଶିକାର କରିପାରନ୍ତି ।

କାରାବିଡ଼ ଭୃଙ୍ଗ ବା ଗ୍ରାଉଣ୍ଡ ବିଟିଲ :ଗ୍ରାଉଣ୍ଡ ବିଟିଲର ଉଭୟ



ପୂର୍ଣ୍ଣାଙ୍ଗ ଅବସ୍ଥା, ଶୂକ କଳାରଙ୍ଗର । ଏହାର ଉଭୟ ପୂର୍ଣ୍ଣାଙ୍ଗ ଏବଂ ଶୂକ ଅବସ୍ଥାରେ ଶିକାର କରନ୍ତି । ଏହାର ପୂର୍ଣ୍ଣାଙ୍ଗ ଅବସ୍ଥାରେ ମୁହଁରେ ଦା ଆକୃତିର ଦାନ୍ତ ଥାଏ । ଗୋଟିଏ ପୋକ ଦିନରେ ହାରାହାରି ୫ଟି ଶୂକ ପୋକ ଖାଇଥାଏ ।

**ଶିକାରୀ ବିରୁଡ଼ି :**

ଏମାନେ ଘରର କାନ୍ଥ କୋଣରେ ମାଟି ଘର ତିଆରି କରିଥାଏ। ପୂର୍ଣ୍ଣାଙ୍ଗ ବିରୁଡ଼ି ବିଭିନ୍ନ ପ୍ରକାରର ଶୂକ ଗୁଡ଼ିକୁ ବୋହିଆଣି, ସେମାନଙ୍କୁ ନିସ୍ତେଜ କରି ଏହାର ଛୁଆ ଗୁଡ଼ିକୁ ଖାଇବାକୁ ଦେଇଥାନ୍ତି । ଏମାନେ ନିଜ ନାହୁଡ଼କୁ ଅନ୍ୟ କୀଟମାନଙ୍କୁ ଭୟଭୀତ କରିବାରେ ବ୍ୟବହାର କରନ୍ତି ।

**ଧବନ ଭୃଙ୍ଗ :**

ଏହା ଏକ ଉଜ୍ଜ୍ୱଳ ଲାଲ ରଙ୍ଗର ଟାଣ ଶରୀର ଥିବା ପୋକ। ଏହାକୁ ମୁଖ୍ୟତଃ ଗୋଟି ପୋକ ଏବଂ ଆମେରିକୀୟ ବକରା ବିନ୍ଧା ପୋକର ଶୁକ ନିୟନ୍ତ୍ରଣରେ ବ୍ୟବହାର କରାଯାଏ ।

**ପରାଶ୍ରୟୀ କୀଟ :**

**ଟ୍ରାଇକୋଗ୍ରାମ :**

ଏହା ଏକ ଅଣ୍ଡା ପରାଶ୍ରୟୀ କୀଟ । ପୂର୍ଣ୍ଣାଙ୍ଗ ମାଈ କୀଟଟି ମୋଥ ବା ପ୍ରଜାପତି ଜାତୀୟ କୀଟମାନଙ୍କ ଅଣ୍ଡା ମଧ୍ୟରେ ଅଣ୍ଡା ଦେଇଥାଏ । ଟ୍ରାଇକୋଗ୍ରାମା ଅଣ୍ଡାର ଛୁଆ ଶିକାର କୀଟର ଅଣ୍ଡାକୁ ନଷ୍ଟ କରି ଏଥିରୁ ପୁଣିଟ୍ରାଇକୋଗ୍ରାମା କୀଟ ବାହାରିଥାଏ । ଏହାକୁ କପା ଫସଲରେ ବକରା ବିନ୍ଧା କୀଟ, ପତ୍ରଖିଆ ଘୋଡ଼ାପୋକ ଓ କାହାଳୀ ପୋକ ଇତ୍ୟାଦିର ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଏ । ଏହି କୀଟକୁ ଗବେଷଣାଗାରରେ ବୃଦ୍ଧି କରାଯାଇ ଟ୍ରାଇକୋକାର୍ଡ଼ ଭାବରେ ବିକ୍ରି କରାଯାଇ ପାରିବ । ଗୋଟିଏ ଟ୍ରାଇକୋକାର୍ଡ଼ରେ ପାଖାପାଖି ୨୦,୦୦୦ କୀଟ ଥାଏ । ୬୦,୦୦୦ ଟ୍ରାଇକୋଗ୍ରମା କୀଟ ଏକରକୁ ପ୍ରତି ସପ୍ତାହ ଅନ୍ତରରେ ୪/୬ ଥର ଛଡ଼ାଯାଏ।

**କୋଟେସିଆ:**

ଏହା ଏକ ଶୁକ ପରାଶ୍ରୟୀ କୀଟ । ଅଣ୍ଡାରୁ ଫୁଟିବା ପରେ ଛୁଆ ଗୁଡ଼ିକ ଶୁକ ପୋକ ଶରୀରର ଅଭ୍ୟନ୍ତରୀୟ ତନ୍ତୁ ଗୁଡ଼ିକୁ ଖାଇ ଯାଆନ୍ତି । ଏମାନେ କପା ଫସଲରେ ଫଳବିନ୍ଧା ପୋକ, ପତ୍ରଖିଆ ଗୋଟି ପୋକ ଇତ୍ୟାଦିର ଶୁକରେ ଅଣ୍ଡା ଦେଇ ଏହାର ନିୟନ୍ତ୍ରଣ କରନ୍ତି।

ସହ ପ୍ରାଧ୍ୟାପକ, କୀଟତତ୍ତ୍ୱ
ବିଭାଗ,
ଏମ୍.ଏସ୍. ସ୍ୱାମୀନାଥନ କୃଷି
ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୮୨୮୦୦୨୮୧୬୬




# ଶିଶୁପାଳଗଡ ଶାଖା ଡାକଘର କ'ଣ କେନ୍ଦ୍ର ସରକାରଙ୍କର ସାବତ ପୁଅ କି ?




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗିପୁର ଗ୍ରାମପଂଚାୟତରେ ଥିବା ଶାଖା ଡାକଘର ବର୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। କୌଣସି ମୌଳିକ ସେବା ପାଇବାରୁ ଜନସାଧାରଣ ବଂଚିତ। ଡାକ ଟିକେଟ, ରେଭିନ୍ୟୁ ଷ୍ଟାମ୍ପ, ଏନ୍‌ଭଲପ୍ ପୋଷ୍ଟକାର୍ଡ, ଇତ୍ୟାଦି ଜମା ଉପଲବ୍ଧ ହେଉନାହିଁ। ଏହାକୁ ନେଇକରି ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶିଶୁପାଳଗଡ ଏବଂ ଲିଙ୍ଗିପୁର ପଂଚାୟତର ୨୬ଟି ୱାର୍ଡର ଜନସାଧାରଣ ଡାକସେବାର କୌଣସି ସେବା ପାଇପାରୁନାହାଁନ୍ତି। ସ୍ପିଡ ପୋଷ୍ଟ ସେବା ଏହି ଶାଖା ଡାକଘରେ ଉପଲବ୍ଧ ଥିଲେ ମଧ ବିଡମ୍ବନାର ବିଷୟ ଇଂଟରନେଟ ସେବାର ଉପଲବ୍ଧି ରହୁନାହିଁ। ଯାହାଫଳରେ ନାହିଁନଥିବା ହଇରାଣ ହେଉଛନ୍ତି ଜନସାଧାରଣ। ଡାକବକ୍ସଟି ଭାଙ୍ଗି ଉପୁଡି ଯାଇଛି। ଯାହାଫଳରେ ୪ କିଲୋମିଟର ଦୂର ଓଲଡ୍ ଟାଉନ ପୋଷ୍ଟ ଅଫିସ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଘଂଟେରୁ ଅତି ବେଶୀରେ ଦୁଇ ଘଂଟା ଖୋଲା ରହୁଛି ଶାଖା ଡାକଘର (୧୦-୧୨ପର୍ଯ୍ୟନ୍ତ ଖୋଲା ରହୁଛି)। କୌଣସି ଚିଠି ଆସିଲେ କମ ସେ କମ୍ ୮ରୁ ୧୦ଦିନ ଉର୍ଦ୍ଧ୍ୱ ଲାଗୁଛି କୌଣସି ଠିକଣାରେ ପହଂଚିବା ପାଇଁ। ୧୦୦୦୦ରୁ ଉର୍ଦ୍ଧ୍ୱ ଏହି ଦୁଇ ପଂଚାୟତର ଲୋକ ବାଧ ହୋଇ ୪ କିଲୋମିଟର ଦୂର ଯିବାକୁ ପଡୁଛି ଏବଂ ଗରିବ ଲୋକମାନେ ବହୁ ହଇରାଣ ହେଉଛନ୍ତି। ଏହି ଡାକଘରର ଉନ୍ନତି ନକରିବା ପାଇଁ କିଛି କୋରିଅର ସଂସ୍ଥା ହୀନ ଚକ୍ରାନ୍ତ କରୁଥିବା ଶୁଣିବାକୁ ମିଳୁଛି। ଡାକବକ୍ସଟି ବିଗତ ବହୁଦିନ ହେଲାଣି ଅକାମି ହୋଇ ପଡିରହିଛି। ଶାଖା ଡାକ ଘରେ ପାଣିର କୌଣସି ସୁବିଧା ନାହିଁ। ଯାହାଫଳରେ ବହୁ ଅସନ୍ତୋଷ ଦେଖାଯାଉଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ହୋଇଥିଲେ ମଧ ଦୀପତଳ ଅନ୍ଧାର ଭଳି ଲାଗୁଛି। ନା ଭିତିଭୂମି ଅଛି ନା ମୌଳିକ ସେବା ମିଳୁଛି। ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଡାକଘର ଉପରେ ଲେଖାହୋଇଛି ୧୦ଟାରୁ ୨ଟା ଖୋଲା ରହୁଛି। କିନ୍ତୁ ସବୁଦିନ ୧ଟା ବେଳେ ବନ୍ଦ ହୋଇଯାଉଛି। ଯାହାଫଳରେ ଜରୁରୀ ଚିଠି ଡାକଟିକେଟ ପାଇବାରେ ସାଧାରଣ ଲୋକମାନେ ହଇରାଣ ହେଉଛନ୍ତି। ଶାଖା ଡାକଘରେ ଥିବା କର୍ମଚାରୀମାନେ ମନଇଚ୍ଛା ଅଫିସ ଖୋଲୁଛନ୍ତି, ନିଜ ଇଚ୍ଛା ଅନୁସାରେ ଆସୁଛନ୍ତି ଏବଂ ଅଫିସକୁ ବନ୍ଦ କରି ଦେଉଛନ୍ତି। ଅଫିସ ଭିତରକୁ ଜଣେ ଗଲେ ଦ୍ୱିତୀୟ ଲୋକ ପାଇଁ ଜାଗା ନାହିଁ। କେନ୍ଦ୍ରମନ୍ତ୍ରୀ ମହାଶୟ ତୁରନ୍ତ ହସ୍ତକ୍ଷେପ କରି ଏହି ଶାଖା ଡାକଘରର ଭିତିଭୂମି ଏବଂ ମୌଳିକ ସେବା ସହିତ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ନିଜେ ତଦାରଖ କରନ୍ତୁ ଯେପରି ଭାବେ କୌଣସି ଜନସାଧାରଣ ମୌଳିକ ସେବାରୁ ବଂଚିତ ନ ହୁଅନ୍ତି। କେନ୍ଦ୍ର ସରକାର ଅଧୀନସ୍ଥ ଡାକଘରେ ବିଭିନ୍ନ ଯୋଜନା ଥିଲେ ମଧ ପୋଷ୍ଟ ଅଫିସରେ କେମିତି କାର୍ଯ୍ୟକାରୀ ହେବ ତଥା ଆଧାର କାର୍ଡ ଭେରିଫିକେସନ୍, ଜମା ଖାତା, ଏନ୍‌ଏସି, ସୁକନ୍ୟା ଯୋଜନା ଏବଂ କେନ୍ଦ୍ର ସରକାରଙ୍କର ସବୁ ଜନକଲ୍ୟାଣକାରୀ ସୁବିଧା ମିଳିବା ପାଇଁ ମନ୍ତ୍ରୀ ମହୋଦୟ ନିର୍ଦ୍ଦେଶ ଦେଇ ଜନସାଧାରଣଙ୍କୁ ଏହି ସୁବିଧାର ତୁରନ୍ତ ଉପଲବ୍ଧ କରାନ୍ତୁ।

## ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଓଡିଶା ବିଧାନସଭାର ଉଦ୍ୟମ ଫଳରେ ଦୀର୍ଘ ୧୦୦ ବର୍ଷ ତଳର ବିବରଣୀ ବିହାର ବିଧାନସଭାରୁ ଅଣାଯାଇପାରିଥିବାରୁ ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ସଚିବ ଦାଶରଥି ଶତପଥୀ, ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ, ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଉତ୍କଳ ସମ୍ମିଳନୀ କୃତଜ୍ଞତା ଜ୍ଞାପନ କରିବା ସହିତ ଅଭିନନ୍ଦନ ଜଣାଇଛି। ଆମ ପାଖରେ ଆମ ରାଜ୍ୟର ୧୯୨୨ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ତଥ୍ୟ ନଥିଲା। ଏହି ତଥ୍ୟ ମିଳିବା ପରେ ଓଡିଶାର ଇତିହାସ ଲେଖାରେ ସହାୟକ ହେବ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ଏହି ତଥ୍ୟକୁ ଆଧାର କରି ଏକ ତଥ୍ୟଭିତିକ ପୁସ୍ତକ ରଚନା କରିବା ପାଇଁ ଶ୍ରୀ ଦାଶଶର୍ମା ମଧ୍ୟ ମାନ୍ୟବର ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି।

## ଜିଲ୍ଲାପାଳଙ୍କୁ ଭେଟି ବନ୍ୟାଞ୍ଚଳ ବାବଦରେ ସମୀକ୍ଷା କଲେ ସାଂସଦ

ବାଲେଶ୍ୱର (ପିଏନ୍)- ଲଘୁଚାପ ଜନିତ ବର୍ଷା ଯୋଗୁଁ ଉତ୍ତର ବାଲେଶ୍ୱରରେ ବନ୍ୟାପଣି ମାଡ଼ିଥିବା ଅଞ୍ଚଳକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗସ୍ତ କରିବା ପରେ ନିଜେ ଅନୁଭବ କରିଥିବା ବନ୍ୟା ପ୍ରପୀଡ଼ିତଙ୍କ ଅସୁବିଧାକୁ ବାଲେଶ୍ୱର ଜିଲ୍ଲା ବିଜେପିର ପ୍ରତିନିଧି ମଣ୍ଡଳୀଙ୍କ ସହ ଯାଇ ଜିଲ୍ଲାପାଳଙ୍କୁ ତାଙ୍କ ବାସଭବନ ସ୍ଥିତ କାର୍ଯ୍ୟାଳୟରେ ଭେଟି ଲୋକଙ୍କୁ କେମିତି ସୁଷମ ଭାବେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ, ଔଷଧ ପିଇବା ପାଣି, ଗୋଖାଦ୍ୟ ସୂଚାରୁ ରୂପେ ବଣ୍ଟନ କରାଯିବ ସେ ବାବଦରେ ଆଲୋଚନା କରିଥିଲେ। ଯେଉଁମାନଙ୍କର ଘର ବନ୍ୟାପାଣିରେ ଭାଙ୍ଗିଯାଇଛି, ଚାଷଜମି କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ରାଜନୀତି ପ୍ରିୟାପ୍ରୀତି ଉର୍ଦ୍ଧ୍ୱରେ ଯାଇ ଚିହ୍ନଟ କରିବା ପାଇଁ ଏବଂ ବେଆଇନ ଭାବେ ସରକାରୀ ଜାଗାକୁ ଅବରୋଧ କରି ରଖିଥିବା ବିଶେଷ କରି ରାସ୍ତା ପାଖରେ ଥିବା ନାଳକୁ ଜବର ଦଖଲ କରି ଦୋକାନ ଗୃହ ନିର୍ମାଣ କରିଥିବା ଏବଂ ବେଆଇନ ଚିଙ୍ଗୁଡ଼ିଘେରୀ କରି ବର୍ଷାପାଣି ପ୍ରବାହରେ ବାଧା ଉତ୍ପନ୍ନ କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ କହିବା ପରେ ଜିଲ୍ଲାପାଳ ତୁରନ୍ତ ଏ ସବୁର ସମାଧାନ କରିବେ ବୋଲି କହିବା ସହିତ ତାଙ୍କର ହ୍ୱାଟ୍‌ସଅପରେ ଫଟୋ ଉଠାଇ ପଠାଇବା ପାଇଁ ଅନୁରୋଧ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶୁଭଙ୍କର ମହାପାତ୍ର, ଜୋନାଲ ମିଡ଼ିଆ ସଂଯୋଜକ ପ୍ରମୁଖ ଉପସ୍ଥିତ ରହିଥିଲେ ବୋଲି ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଏକ ପ୍ରେସ ବିବୃତିରେ ଲିଖିତ ଭାବେ ଜଣାଇଛନ୍ତି।

## ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ କବି ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ଓଡ଼ିଶାର ପୁରାତନ ସାହିତ୍ୟ ଅନୁଷ୍ଠାନ ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀରଙ୍କ ଆବାହକତ୍ୱରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି କବି ଭାବେ ବରିଷ୍ଠ ପ୍ରକାଶକ ତଥା କବି ଯୋଗେନ୍ଦ୍ର କୁମାର ନାୟକ, କବି ଭୂବନ ମୋହନ ମହାନ୍ତି, ତରୁଣବାଳା ମହାପାତ୍ର, ଗୀତାଞ୍ଜଳୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମନୋଜ୍ଞ କବିତା ପାଠୋତ୍ସବରେ କବି ମଧୁସ୍ମିତା ସାହୁ, ସୁଷମା ଲେଙ୍କା, ସୌଦାମିନୀ ସାମନ୍ତରାୟ, ସହିଂସ୍ତା ମହାନ୍ତି, ତରୁଣବାଳା ମହାପାତ୍ର, ମନୋରମା ମିଶ୍ର, ଦୀପାଳୀ ଦେବସ୍ମିତା, ପୁର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କବି ପ୍ରତ୍ୟୁଷ କୁମାର ଭଞ୍ଜ, ରଜନୀକାନ୍ତ ପଟ୍ଟନାୟକ, ମନୋଜ କୁମାର ଜେନା, କଣ୍ଡୁରୀ ଚରଣ ନାୟକ, ବିଜୟ କୁମାର ବହଲି, ଇଂ ଲଡୁକିଶୋର ପଢିଆରି, ମାନଗୋବିନ୍ଦ ବାରିକ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ।

# ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ଅନେକ କିଛି କରିଛି

ରାଉରକେଲା (ପିଏନ୍): ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ସରକାର ସମୟରେ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି। ଶିକ୍ଷା, ନିଯୁକ୍ତି, ରାଜନୀତି ଇତ୍ୟାଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାର ସୁଯୋଗ ସୃଷ୍ଟି କରାଯାଇଛି। ତେଣୁ ଆଜି ରାଜ୍ୟରେ ବିଜେଡିର ୨୨ ବର୍ଷର ଶାସନ ଓ କେନ୍ଦ୍ରରେ ବିଜେପିର ୮ ବର୍ଷର ଶାସନ ପରେ ବି ଆଦିବାସୀ ସମ୍ପ୍ରଦାୟର କଂଗ୍ରେସ ପ୍ରତି ସମର୍ଥନ ଓ ପ୍ରତିଷ୍ଠା ଜାରି ରହିଛି ବୋଲି ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଭୂଜବଳ ମାଝି ରାଉରକେଲା ଠାରେ ପ୍ରକାଶ କରିଛନ୍ତି। ଶ୍ରୀ ମାଝି ତାଙ୍କ ରାଉରକେଲା ଗସ୍ତ ଅବସରରେ କଂଗ୍ରେସ ଭବନଠାରେ ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗ ତରଫରୁ ଅନୁଷ୍ଠିତ ସଭାରେ ସଙ୍ଗଠନର ସଦସ୍ୟମାନଙ୍କୁ ସମ୍ବୋଧିତ କରି ନିଷ୍ଠାର ସହିତ ଅଧିକ ବ୍ୟାପକ ଭାବେ ସାଧାରଣ ଆଦିବାସୀଙ୍କ ସହିତ ସମ୍ପର୍କକୁ ମଜବୁତ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଆଦିବାସୀଙ୍କ ସ୍ୱାର୍ଥବିରୋଧୀ ବର୍ତ୍ତମାନର ବିଜେଡି ଓ ବିଜେପି ସରକାର ଆଦିବାସୀଙ୍କୁ ବିଭ୍ରାନ୍ତ କରି କଂଗ୍ରେସଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମାଝି ପ୍ରକାଶ କରି ସମସ୍ତ କର୍ମକର୍ତ୍ତା ଏଥିପ୍ରତି ସଚେତନ ରହିବାକୁ କହିଥିଲେ। ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗକୁ ପୁନର୍ଗଠନ କରାଯିବ ବୋଲି ଶ୍ରୀ ମାଝି ପ୍ରକାଶ କରି ଦକ୍ଷ ଓ କର୍ମଠ କର୍ମୀମାନଙ୍କୁ ପୁନର୍ଗଠିତ କମିଟିରେ ସ୍ଥାନ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶୀଲ କିଣ୍ଡୋ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଆଦିବାସୀ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାଜେଶ ଟପ୍ପୋ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଫିଲିସିତା ଚେରୁଆ, ଜିଲ୍ଲା କଂଗ୍ରେସ ସମ୍ପାଦିକା ସୁନୀତା ଲାକ୍ରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସୁନ୍ଦରଗଡ ଜିଲ୍ଲାକୁ ପୁନଶ୍ଚ କଂଗ୍ରେସର ଗଡରେ ପରିଣତ କରିବା ପାଇଁ ଆହ୍ୱାନ ଦେଇ ଏହା ଜିଲ୍ଲାର ଆଦିବାସୀ ଭାଇ ଓ ଭଉଣୀମାନେ ଚାହିଁଲେ ନିଶ୍ଚିତ ହୋଇପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ଆଦିବାସୀ ବିଭାଗ ତରଫରୁ ଶ୍ରୀ ମାଝିଙ୍କୁ ଆଦିବାସୀ ପରମ୍ପରା ଅନୁଯାୟୀ ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ଝୁନୁ ପଟ୍ଟନାୟକ ଓ ରୁକସାନା ବେଗମ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ଉମେଶ ଶରଣ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଅନୁପ ଖେଡିଆ, ଲୋକନାଥ ଭୂମିଜ, ଇଂ. ଶିବୁ ଓରାମ, ଧନଂଜୟ ମୁଣ୍ଡା, ମୁଖପାତ୍ର କୈଳାସ ସାହୁ, ଦିଲ୍ଲୀପ ଜେନା, ନିର୍ମଳା ସେକ୍, ଅଜୟ ଖାଲକୋ, ଅମୀତ ତିର୍କୀ, ସେବାଦଳର ବୁଲୁ ଦାସ, ରେହେମାନ ଖାନ, ବିଶ୍ୱଜିତ ସାହୁ, ରାଜୁ ପ୍ରସାଦ, ସେକ୍ ସମୀର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

## ଜିଲ୍ଲାସ୍ତରୀୟ କ୍ରୀଡା ଦିବସ ପାଳିତ

ଖୋର୍ଦ୍ଧା (ପିଏନ)-ଜାତୀୟ କ୍ରୀଡା ଦିବସ ଅବସରରେ ହକି ଖେଳର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଏହି ଦିବସଟିକୁ ପାଳନ କରାଯାଇଛି। ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ସାମିଲ ହୋଇଥିବା ବେଳେ ପ୍ରାରମ୍ଭରେ ଏକ ସଭା ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କ୍ରୀଡା ହେଉଛି ଜୀବନରେ ନିହାତି ଆବଶ୍ୟକତା ରହିଥିବା ବେଳେ ଚିତ ବିନୋଦନ ସହ ସୁସ୍ଥ ଜୀବନଯାପନ ନିମନ୍ତେ ଏକ ମହୌଷଧି ଭଳି କାର୍ଯ୍ୟ କରିଥାଏ। ଲକ୍ଷ୍ୟ ହାସଲ ହେଉଛି ହେଉଛି କ୍ରୀଡାର ମୌଳିକତା ଓ ଏହାକୁ ପାଥେୟ କରି ଜୀବନରେ ଅନେକ ଶିକ୍ଷଣୀୟ କଥା ଅନୁଭବ କରାଯାଇପାରେ। ଅନେକ ଭଲ ଛାତ୍ର ପାଠପଢା ବ୍ୟତୀତ କ୍ରୀଡାରେ ନିଜର କ୍ୟାରିୟର ଗଠନ କରିବାକୁ ଆଗ୍ରହୀ ହେବା ଅନେକ ଉଜ୍ଜ୍ୱଳ ଉଦାହରଣ ରହିଛି। ସେହିଭଳି କ୍ରୀଡା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସମାନ ସୁଯୋଗ ରହିଛି। ପୂର୍ବାପେକ୍ଷା ବିଭିନ୍ନ କ୍ରୀଡାର ପରିସର ବ୍ୟାପକ ହେଉଥିବା ଦୃଷ୍ଟିରୁ ପେଶାଦାର ମାନଙ୍କ ପାଇଁ ମଧ୍ୟ ସମ୍ମାନର ସହ ରୋଜଗାର ଦେବାର ଏକ ମାଧ୍ୟମ ପାଲଟିଛି। ବିଦ୍ୟାଳୟ ସ୍ତରରୁ କ୍ରୀଡା ଭିତିଭୂମିସୁଦୃଢ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାକୁ ଉପଯୋଗ କରି ଜଣେ ସଫଳ କ୍ରୀଡାବିତ ହୋଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା, ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ, ଜିଲ୍ଲା ଶାରିରୀକ କ୍ରୀଡା ନିରୀକ୍ଷକ ପଠାଣି ଆଗ୍ରାସିଂହ ଓ କ୍ରୀଡା ସମୀକ୍ଷକ ଆଶିଷ ରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଡେକୋରେଟର ସୌମେନ୍ଦୁ ମହାପାତ୍ରଙ୍କ ସ୍ମୃତି ସଭା

ପାରାଦୀପ (ପିଏନ୍)- ପାରାଦୀପର ମହାପାତ୍ର ଡେକୋରେଟର ପ୍ରତିଷ୍ଠାତା ସୌମେନ୍ଦୁ ମହାପାତ୍ର (ପୁପୁ)ଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ସଭା ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ପାରାଦୀପ ଡେକୋରେଟର ସଂଘ ପକ୍ଷରୁ ପାରାଦୀପ ବଡପଡିଆସ୍ଥିତ ଶାରଳା ମନ୍ଦିର ପରିସରରେ ଏହି ସ୍ମୃତିଚାରଣ ଆୟୋଜିତ ହୋଇଥିଲା। ପାରାଦୀପରେ ଦୀର୍ଘ ତିନି ଦଶନ୍ଧି ଧରି ଡେକୋରେଟର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ପୁପୁ ମହପାତ୍ର ଭାବେ ସେ ସମସ୍ତ ପାରାଦୀପବାସୀଙ୍କ ନିକଟରେ ପରିଚିତ ଥିଲେ। ପାରାଦୀପ ବନ୍ଦରାଂଚଳ ସମେତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କରେ ସେ ଦକ୍ଷତାର ସହିତ ଡେକୋରେଟର ଭାବେ ସବୁବର୍ଗର ଲୋକମାନଙ୍କ ପାଖରେ ପ୍ରିୟପତ୍ର ଥିଲେ। ତାଙ୍କର ଏହି ଅକାଳ ବିୟୋଗ ପାରାଦୀପର ସବୁବର୍ଗର ଲୋକମାନଙ୍କ ମନରେ ଗଭୀର ଶୋକର ଛାୟା ଖେଳାଇ ଦେଇଥିଲା। ରବିବାର ଦିନ ତାଙ୍କ ବିୟୋଗରେ ଆୟୋଜିତ ସ୍ମୃତି ସଭାରେ ଅରୁଣ କୁମାର ଲେଙ୍କା, ମନୋଜ କୁମାର ସ୍ୱାଇଁ, କୈଳାସ ମଲ୍ଲିକ, ସୁବାସ ରାଉତ, ଶୁକଦେବ ରଣା, ଶିବ ପ୍ରସାଦ ବାରିକ, ଚନ୍ଦନ କୁମାର ହାତୀ, ଚନ୍ଦନ କୁମାର ପାଣି, ପ୍ରଦୀପ କୁମାର ସ୍ୱାଇଁ, ଧର୍ମାନନ୍ଦ ମଲ୍ଲ, କାରୁଣ୍ୟ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ଧର୍ମଶାଳା ତହସିଲ ପକ୍ଷରୁ ପଟ୍ଟା ବଂଟନ

ଧର୍ମଶାଳା (ପିଏନ): ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୨ ଜଣ ଭୂମିହୀନଙ୍କୁ ପଟ୍ଟା ବଂଟନ କରାଯାଇଛି। ଧର୍ମଶାଳାସ୍ଥିତ କାର୍ଯ୍ୟାଳୟ ପରିସରରେ ତହସିଲଦାର ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନାକପୋଲ ସର୍କଲର ୧୨ ଜଣ , ବାଙ୍କସାହି ସର୍କଲର ୮ ଜଣ, ବଡକାଏମା ଓ ଶ୍ରୀନଗରର ଜଣେ ଲେଖାଏଁ ଭୂମିହୀନଙ୍କୁ ପଟ୍ଟା ବଂଟନ କରିଥିଲେ। ସମ୍ପୃକ୍ତ ସର୍କଲର ଆରଆଇ ଉପସ୍ଥିତ ହିତାଧିକାରୀ ଚିହ୍ନଟରେ ସହଯୋଗ କରିଥିଲେ। ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ସୂଚନା ପ୍ରଦାନ କରିଥିଲେ।

## ଆରୁହାରେ ବେଆଇନ କଳାପଥର ଖାଦାନ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ କରିଥିବା ପ୍ରଭାକର ଜେନାଙ୍କ ଉପରେ ଲାଗୁ ହୋଇଥିବା ଜୋରିମାନା ଆଦାୟ କରିବାକୁ ପ୍ରଶାସନ ଟାଳଟୁଳ ନିତି ଅବଲମ୍ବନ କରିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତ ଏହାର ଶୁଣାଣୀ କରି ଯାଜପୁର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ସେପଟେମ୍ବର ୨୭ ତାରିଖ ମଧ୍ୟରେ ହାଜିର ହୋଇ ଏହାର ଉତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ ଆରୁହା କଳପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ଥିବା ତାଙ୍କର କ୍ରସରରେ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଂଚଳର ମନୋରନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଶଣ କରିଥିଲେ। ଏହାକୁ ନେଇ ଧର୍ମଶାଳା ତତକାଳିନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ। ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ୍ କରିଥିଲା। ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା। ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା। ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ୨୨୬/ ୨୨ରେ ଏକ ମାମଲା ରୁଜୁ କରିଥିଲେ। ଏହି ଘଟଣାର ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ୨୭ ସେପ୍ଟେମ୍ବର ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ଲୁଟ ହୋଇଥିବା କଳାପଥରର ଆକଳନ କରାଯାଇଛି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଆସିଲେ ପ୍ରଭାକର ଜେନାଙ୍କ ଠାରୁ ଜରିମାନା ଆଦାୟ ହେବ।

## ଡ. ଭାଗବତ ପ୍ରସାଦ ଦାସଙ୍କ "ସାନ୍ତାଳୀ ଲୋକକଥା" ଲୋକାର୍ପିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣାର ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ଦଶମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୋନାଲିସା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମାହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବ ପର୍ବାଣୀ, ଭାଷା, ଲୋକ ଗୀତ, ଢ଼ଗ ଢ଼ମାଳୀ ତଥା ସାନ୍ତାଳୀ ଲୋକକଥା ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ। ଲେଖକ ଡ. ଦାସ ଲେଖକୀୟ ଅଭିମତ ପ୍ରକାଶ କରିଥିଲା ବେଳେ ଶିକ୍ଷକ ରାଧାରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ୍, ଶିକ୍ଷୟତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଲକି ବେହେରା, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର, ବାସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ।




## ଥାନାରେ ପୁଲିସ୍‌କୁ ଆକ୍ରମଣ କରି ମଧ୍ୟସ୍ଥି ଗିରଫ

ଧର୍ମଶାଳା, ୨୩।୪(ପିଏନ୍): ଏକ ବିବାଦର ସମାଧାନ କରିବାକୁ ଧର୍ମଶାଳା ଥାନାକୁ ଆସିଥିବା ଜଣେ ମଧ୍ୟସ୍ଥି ପୁଲିସ୍ ଅଧିକାରୀଙ୍କୁ ଆକ୍ରମଣ କରି ଗିରଫ ହୋଇଛନ୍ତି । ଗିରଫ ଅଭିଯୁକ୍ତ ଆଦମପୁର ଗ୍ରାମର କିଶୋର ମଲିକଙ୍କୁ ଆଜି ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ସ୍ଥାନୀୟ ନିଶିମଳା ଗ୍ରାମର ଜଣେ ସଂପର୍କୀୟଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଘଟଣାର ସମାଧାନ କରିବା ପାଇଁ ଗତକାଲି ରାତିରେ କିଶୋର ଥାନାକୁ ଆସିଥିଲେ । ବହୁ ସମୟ ଅପେକ୍ଷା କରିବା ସତ୍ୱେ ତାଙ୍କୁ ଆଇଆଇସିଙ୍କ ପାଖକୁ ଛଡ଼ା ଯାଇନଥିଲା । ସେ ଆଇଆଇସିଙ୍କ ପ୍ରକୋଷ୍ଠକୁ ଯିବା ପାଇଁ ଉଦ୍ୟମ କରୁଥିବା ବେଳେ ଦାୟିତ୍ୱରେ ଥିବା ଜଣେ ଏସ୍‌ଆଇ ତାଙ୍କୁ ଅଟକାଇଥିଲେ । ମାତ୍ର କିଶୋର ଉକ୍ତ ପୁଲିସ୍ ଅଧିକାରୀଙ୍କୁ ଧକ୍କାମାରି ଆଇଆଇସିଙ୍କ ପ୍ରକୋଷ୍ଠକୁ ଧସେଇ ପଶିବା ପାଇଁ ଉଦ୍ୟମ କରୁଥିଲେ । ଏହା ଦେଖି ଅନ୍ୟ ପୁଲିସ୍ କର୍ମଚାରୀ କିଶୋରଙ୍କୁ କାବୁ କରି ନେଇଥିଲେ । ପରେ କାର୍ଯ୍ୟରତ ପୁଲିସ୍ ଅଧିକାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା । ପୁଲିସ୍ ୨୧୩/୨୨ନମ୍ବରରେ ଏକ ମାମଲା ରୁଜୁ କରିବା ସହିତ ଗତକାଲି ରାତିରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଆଜି କୋର୍ଟ ଚାଲାଣ କରିଛି । ଜଣେ ଅଭିଯୁକ୍ତକୁ ମୁକୁଳାଇବାକୁ ଆସି ମଧ୍ୟସ୍ଥି ନିଜେ ଅଭିଯୁକ୍ତ ହୋଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ୍ ଜଣେ ଯୁବକକୁ ଗିରଫ କରିଛି । ଗିରଫ ଯୁବକ ଜାରକାର ପପୁ ସାହୁକୁ ପୁଲିସ୍ ଆଜି ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ, ଯୁବତୀଙ୍କ ଘରେ କେହି ନଥିବା ବେଳେ ପପୁ ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିବା ପୀଡ଼ିତା ଗତ ୨୦ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ୍ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପୀଡିତାଙ୍କ ସହିତ ପପୁର କୁଆଡ଼େ ବନ୍ଧୁତା ଥିବା ବେଳେ ୪ଦିନ ପୂର୍ବେ ତାଙ୍କ ଡ଼ାକରାରେ ସେ ଯୁବତୀଙ୍କ ଘରକୁ ଯାଇଥିଲା । ହେଲେ ଅସଂଜତ ଅବସ୍ଥାରେ ଧରା ପଡ଼ିଯାଇଥିଲା । ପରେ ଘଟଣାର ସମାଧାନ ଉଦ୍ୟମ ବିଫଳ ହୋଇଥିଲା । ଫଳରେ ପୀଡ଼ିତାଙ୍କ ଅଭିଯୋଗ କ୍ରମେ ପୁଲିସ୍ ପପୁକୁ ଗିରଫ କରି କୋର୍ଟ ଚାଲାଣ କରିଛି ।






## ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

ଭୁବନେଶ୍ୱର, (ପିଏନ)-ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଭଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟୀତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି । ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ । ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ ।ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।
ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।
ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

## ପାଂଚ ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନ ଚଳୁଛନ୍ତି କାଂଚନ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମହେଶ୍ୱରପୁର ଗାଁର କାଂଚନ ଖରା । ସ୍ୱାମୀ ଗୁପ୍ତ ଖରାଙ୍କ ବିୟୋଗ ପରେ ୫ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି କାଂଚନ । ୬ପ୍ରାଣୀଙ୍କ ପେଟକୁ ଦାନା ଯୋଗାଇବା କଷ୍ଟ କର ହୋଇପଡୁଛି । ଅସୁବିଧାରେ ଚଳୁଥିଲେ ସୁଦ୍ଧା ସରକାରୀ ସହାୟତାରୁ ବଂଚିତ ହୋଇଛନ୍ତି ସେମାନେ । ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡେ ନାହିଁ । ପାଲଟଣା ଘରେ ୬ଜଣ ଚଳିବା କଷ୍ଟ ସାଧ । ସ୍ୱାମୀଙ୍କ ମୃତ୍ୟୁପରେ ପିଲାଙ୍କୁ ମଣିଷ କରିବା ଲାଗବହୁ ସ୍ୱପ୍ନ ଦେଖିଛନ୍ତି କାଂଚନ । ମୂଲ ମଜୁରୀ କରି ଯାହା ରୋଜଗାର କରନ୍ତି ସେତିକିରେ ପରିବାର ଚଳୁଛି । ୬ଜଣଙ୍କ ଲାଗି ଦାନା ଯୋଗାଡ କରିବା କେତେ ଯେ କଷ୍ଟ ତାହା ଭଗବାନ ଜାଣନ୍ତି । ଗରିବ ଲୋକଙ୍କ ଲାଗି ସରକାର ବିଭିନ୍ନ ଯୋଜନାମାନ ଘୋଷଣା କରିଥିଲେ ସୁଦ୍ଧା କାଂଚନଙ୍କୁ କୌଣସି ସୁବିଧା ମିଳୁନାହିଁ । ପଲିଥିନ ତଳେ ବିତୁଛି ଜୀବନ । କେତେବେଳେ ଯେ ଘର ଭାଙ୍ଗିଯିବ ତାର କିଛି ଭରସା ନାହିଁ । ସବୁବେଳେ ରହୁଛି ସାପର ଭୟ । ଆଜି ସୁଦ୍ଧା କାଂଚନକୁ ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ମିଳି ନାହିଁ କି ରାସନକାର୍ଡ ଏବଂ ବିଧବା ଭତ୍ତାରୁ ମଧ ବଂଚିତ ହୋଇଛନ୍ତି । କୌଣସି ଗୋଟିଏ ବି ସରକାରୀ ସହାୟତା ତାଙ୍କୁ ମିଳିନାହିଁ । ଏନେଇ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଗୁହାରୀ କରିଥିଲେ ସୁଦ୍ଧା ଫଳାଫଳ ମିଳିନଥିବା କାଂଚନ ଅଭିଯୋଗ କରିଛନ୍ତି ।

## ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)-ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।
ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି । ଇଂଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ । ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତ୍ତନ କରିବା ପାଇଁ ମଧ ବୈଠକରେ ନିଷ୍ପତି ନିଆଯାଇଛି ।
ବିଧାନସୌଧରେ ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିୟୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ । ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି । ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ । ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ ।
ଓଡ଼ିଶା ନଲେଜ୍ କର୍ପୋରେସନ୍(ଓକେସିଏଲ୍) ସମସ୍ତ ପ୍ରକାର ବୈଷୟିକ କମ୍ପ୍ୟୁଟରୀକୃତ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରୁଛି ବୋଲି ଓକାକ୍ ର ସାଧାରଣ ପରିଚାଳକ ସୂଚନା ଦେଇଥିଲେ ତେଣୁ ବିଧାୟକମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ବିଧାନସଭା କର୍ମଚାରୀମାନଙ୍କୁ ଓସ୍ୱାସ୍ ତାଲିମ ପ୍ରଦାନ କରିବା ପାଇଁ ଓକେସିଏଲ୍ କୁ ନିୟୋଜିତ କରାଯାଇପରିବ ।
ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଓକାକ୍‌ର ସାଧାରଣ ପରିଚାଳକ (ପ୍ରଶାସନ), ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକ, ବିଏସ୍‌ଏନ୍‌ଏଲ୍‌ର ଉପଖଣ୍ଡ ଯନ୍ତ୍ରୀ ଏବଂ ପ୍ରିଟଲିଙ୍କର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

## ଗୋବିନ୍ଦ ଗୋଧାମ ଗୋଶାଳା ପରିଦର୍ଶନ କଲେ ସିଡିଭିଓ

ପୁରୀ, (ପିଏନ)- କିଛି ଦିନ ତଳେ ଗୋରୁ ଚାଲାଣକୁ ଅଟକାଇ ଗାଇଗୁଡିକ ଜବତ କରି ପୁରୀ ସଦର ଥାନା ପୁଲିସ ଗୋବିନ୍ଦ ଗୋଧାମ ଗୋଶାଳାକୁ ପଠାଇଥିଲେ । ଆଜି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ (ସିଡିଭିଓ) ଡା. ପ୍ରସନ୍ନ କୁମାର ପୃଷ୍ଟି , ଭେଟେନାରୀ ଡେପୁଟି ଡାଇରେକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ପରିଦର୍ଶନରେ ଯାଇ ଗାଇଗୁଡିଙ୍କ ସ୍ୱାସ୍ଥ୍ୟବସ୍ଥା ପରକ୍ଷା କରିଥିଲେ । ଗାଇମାନଙ୍କ ରହିବା ସ୍ଥାନ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଗୋଖାଦ୍ୟ ରଖିବା ସ୍ଥାନ, ପାଣିର ସୁବ୍ୟବସ୍ଥା ଓ ବିଦ୍ୟୁତ୍ ସ୍ଥିତି ନେଇ ଯାଂଚ୍ କରିଥିଲେ ।
ଏହି ଯାଂଚ୍ ସମୟରେ ଗୋଶାଳାର ପ୍ରତିଷ୍ଠାତା ତଥା ସଂପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ମ୍ୟାନେଜର ଦିଲ୍ଲୀପ କୁମାର ମହାନ୍ତି, ହରପ୍ରସାଦ ମହାପାତ୍ର, କୈଳାସଚନ୍ଦ୍ର ପଣ୍ଡା, ମନୋଜ କୁମାର ପଣ୍ଡା, ବିକାଶ ହୋତା, ସର୍ବେଶ୍ୱର ପଣ୍ଡା, ପୁରୁଷୋତମ ପଣ୍ଡା, ଗଣେଶ୍ୱର ପଣ୍ଡା, ପିତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।
ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ ।
ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।
ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।
ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ ।
ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଯାଜପୁର ଜିଲ୍ଲା ଯୁବ ବିଜେଡି ପୁର୍ନଗଠନ

କୋରେଇ, (ପିଏନ)-ଯାଜପୁର ଜିଲ୍ଲାବିଜୁ ଯୁବ ଜନତା ଦଳ ପକ୍ଷରୁ ୧୦ଟି ବ୍ଲକ ୨ଟି ମ୍ୟୁନିସପାଲଟି ସମେତ ଜିଲ୍ଲା କର୍ମକର୍ତାଙ୍କ ନାମ ଘୋଷଣା କରାଯାଇଥିବା ଜିଲ୍ଲା ସଭାପତି ପ୍ରତାପ କୁମାର ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ଶ୍ରୀ ମହାନ୍ତିଙ୍କ ନୂତନ ଟିମରେ ଜିଲ୍ଲା ଉପସଭାପତି ଭାବେ ଦେବଦତ ଦାସ, ସୌଭାଗ୍ୟ କୁମାର ମହାନ୍ତି, ନରେନ୍ଦ୍ର କୁମାର ନାୟକ, ସୁବ୍ରତ ଧଳ, ମାନସ ରଂଜନ ଜେନା, ବିରଜା ମଲ୍ଲିକ, ଶାନ୍ତନୁ ରାଉତ ସାଧାରଣ ସମ୍ପାଦକ ଭାବେ ପାର୍ଥସାରଥି ରାୟ, ତାରକ ଅଜିଜ, ବିକାଶ ଦାସ, ମନୋଜ ରାଉତ, କାଜଲ କିରଣ ପ୍ରଧାନ, ସୁଧାଂଶୁ ରାଉତ, ସୁଧାଂଶୁ ବରାଳ, ଜିଲ୍ଲା ସମ୍ପାଦକ ଭାବେ ପ୍ରଶାନ୍ତ ଦାସ, ରଜତ ରାଉତ, ସୁଶାନ୍ତ କୁମାର ରାଉତରାୟ, ଶ୍ରୀ କୁମାର ପାତ୍ର, ସୌମ୍ୟ ରଜନ ମହାପାତ୍ର, ବିନୟ କୁମାର ପୃଷ୍ଟି, ଦିବ୍ୟ ରଂଜନ ସାହୁ, ସ୍ମୃତି ରଂଜନ ବେହୁରିଆ, ନରେଶ ଚନ୍ଦ୍ର ମହାନ୍ତି, ନିଳାଦ୍ରୀ ଭୂଷଣ ସାହୁ, ସେକ ସବିର ଅଲ୍ଲୀ, ବିଚିତ୍ରାନନ୍ଦ ବେହୁରିଆ, ରାକେଶ ମହାନ୍ତି, ସତ୍ୟାନନ୍ଦ ସାହୁ, ଗୋଲକ ଚନ୍ଦ୍ର ମାଝୀ, ବିବେକାନନ୍ଦ ମହାନ୍ତି, ପ୍ରଦୀପ୍ତ କୁମାର ନାୟକ, ବିଶ୍ୱନାଥ ପଣ୍ଡା, ଜଚିନ୍ଦ୍ର ପ୍ରଧାନ, ସଂଜୟ ନାୟକ ଓ ଜିଲ୍ଲା ସୋସିଆଲ ମିଡିଆ ଇନଚାର୍ଯ୍ୟ ଭାବେ ହିରେନମୟ ମହାପାତ୍ର, ବିଭିନ୍ନ ବ୍ଲକ ସଭାପତି ଭାବେ ଧର୍ମଶାଳା କ୍ଷିତିସ ନାୟକ, ବଡଚଣା ଗଣେଶ୍ୱର ବରାଳ, ବିଂଝାରପୁର ଦିଲ୍ଲୀପ ରାଉଳ, ଦାନଗଦି ଜୟ ପ୍ରକାଶ ସାହୁ, ସୁକିନ୍ଦା ସୁଜିତ କୁମାର ରାଉତ, କୋରାଇ ପ୍ରଶାନ୍ତ ମହାପାତ୍ର, ରସୁଲପୁର ପ୍ରଫୁଲ୍ଲ କୁମାର ସାହୁ, ଯାଜପୁର ଅଂଜନ କୁମାର ମହାନ୍ତି, ଦଶରଥପୁର ମନିସ କୁମାର ସହୁ, ବରୀ ରଂଜନ କୁମାର ପଣ୍ଡା, ଯାଜପୁର ମୁନିସିପାଲଇଟି ସଭାପତି ମନୋଜ କୁମାର ସାହୁ ଓ ବ୍ୟାସନଗର ମୁନିସପାଲଟି ସଭାପତିଭାବେ ମନୋଜ କୁମାର ପରିଡାଙ୍କୁ ମନୋନୀତ କରାଯାଇଛି । ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଅନୁମୋଦନ କ୍ରମେ ଯାଜପୁର ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ମହାନ୍ତି ଜିଲ୍ଲା ସଂଗଠନର ପୁର୍ନଃ ଗଠନ କରିଛନ୍ତି ।

## ବିଶ୍ୱବିଦ୍ୟାଳୟ ଆଇନ ପ୍ରତ୍ୟାହାର ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ରାଜ୍ୟପାଳଙ୍କୁ ଦାବୀପତ୍ର

ଭୁବନେଶ୍ୱର, (ପିଏନ)- ରାଜ୍ୟର ବହୁ କୁଳପତି, ପ୍ରଫେସର, ଅଧ୍ୟାପକ, ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀମାନଙ୍କ ପ୍ରତିବାଦକୁ ଏବଂ ମତାମତକୁ ସଂପୂର୍ଣ୍ଣ ଭୃକ୍ଷେପ କରି ଏବଂ ସମସ୍ତ ପ୍ରକାର ଗଣତାନ୍ତ୍ରିକ ରୀତିନୀତିକୁ ସୁକୌଶଳରେ ବଳି ପକାଇ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୦କୁ ରାଜ୍ୟ ସରକାର ବିଧାନସଭାରେ ପାରିତ କରିଛନ୍ତି । ଏହି ଅଗଣତାନ୍ତ୍ରିକ, ଛାତ୍ର ଅଧ୍ୟାପକ କର୍ମଚାରୀ ତଥା ଶିକ୍ଷା ବିରୋଧି ପଦକ୍ଷେପକୁ ଏ.ଆଇ.ଡି.ଏସ୍.ଓ ତରଫରୁ ଦୃଢ ବିରୋଧ କରାଯାଇ ଆଜି ରାଜଭବନ ସମ୍ମୁଖରେ ଏକ ବିକ୍ଷୋଭ ସଂଗଠିତ ହୋଇଥିଲା । ବିକ୍ଷୋଭ ସ୍ଥଳରୁ ରାଜ୍ୟପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇ ଏହାକୁ ତୁରନ୍ତ ରଦ୍ଦ କରିବା ସହ ପୁନଃ ସରକାରଙ୍କୁ ଫେରାଇ ଦେବାକୁ ଦାବୀ କରାଯାଇଛି ।
ସୂଚନାଯୋଗ୍ୟ ଯେ, ସିନେଟ୍ ଉଚ୍ଛେଦ, ଅଧ୍ୟାପକ ନିଯୁକ୍ତି ବିଶ୍ୱବିଦ୍ୟାଳୟ ହାତରୁ କାଢିନେଇ ଓ.ପି.ଏସ୍.ସି କୁ ପ୍ରଦାନ, କୁଳପତି ଚୟନରେ ସିଣ୍ଡିକେଟ ବଦଳରେ ସରକାରୀ ପ୍ରତିନିଧି ସ୍ଥାନ ପାଇବା, ସିଣ୍ଡିକେଟର କ୍ଷମତାକୁ ସଙ୍କୁଚିତ କରି ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଏହାର ସଭ୍ୟ କରିବା, ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାରେ ସରକାରୀ ନିୟନ୍ତ୍ରଣ ପ୍ରତିଷ୍ଠା କରିବା, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ୍‌କୁ ବାତିଲ କରିବା ଭଳି ବହୁ ମାରାତ୍ମକ ସୁପାରିଶ ରାଜ୍ୟର ଉଚ୍ଚ ଶିକ୍ଷାର ସମାଧି ରଚନା କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଅନ୍ୟପଟରେ ରାଜ୍ୟ ସରକାର ସମସ୍ତ ମତାମତକୁ ଉପେକ୍ଷା କରି କରୋନା ସମୟରେ ବିଧାନସଭାରେ ଯେଭଳି ଭାବେ ଏହି ବିଲକୁ ପାରିତ କଲେ ତାହା ରାଜ୍ୟରେ ଏକ କଳା ଇତିହାସ ସୃଷ୍ଟି କରିଛନ୍ତି । ସଂଖ୍ୟାଗରିଷ୍ଠତା ବଳରେ ରାଜ୍ୟର ଜନଗଣ ପ୍ରତି ଛୁରିକାଘାତ କରିଛନ୍ତି । ଏହି ଫାସୀବାଦୀ ପଦକ୍ଷେପ ବିରୁଦ୍ଧରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦୁଇ ଦିନ ଧରି ରାଜ୍ୟବ୍ୟାପୀ ବହୁ ପ୍ରତିବାଦ ବିକ୍ଷୋଭ, ବିଲ ପୋଡି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି ଏବଂ ଆଜି ରାଜଭବନ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ଏ.ଆଇ.ଡି.ଏସ୍.ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସଂପାଦକ ସୁବାସ ନାୟକ, ଉପସଭାପତି ସିର୍ଦ୍ଧାତ ରଥ, ଜୟନ୍ତ ମହାନ୍ତି, ସଂପାଦକ ମଣ୍ଡଳୀ ସଦସ୍ୟ ନସିମ ସରକାର, ଭାଗ୍ୟରବୀ ଦାସ, ସ୍ୱସ୍ତି ସଙ୍ଗିତା ଦଲାଇ, ବିନୋଦ ସେଠୀ, ତରୁଣସେନ ନାୟକ ପ୍ରମୁଖ ଛାତ୍ରନେତାମାନଙ୍କ ବିକ୍ଷୋଭରେ ସାମିଲ ହୋଇଥିଲେ । ଏହା ବିରୁଦ୍ଧରେ ରାଜ୍ୟର ଛାତ୍ର ସମାଜ, ବୁଦ୍ଧିଜୀବୀ, ସଚେତନ ନାଗରିକ ଏକଜୁଟ ହୋଇ ଆନ୍ଦୋଳନକୁ ଜୋରଦାର କରିବାକୁ ବିକ୍ଷୋଭ ସ୍ଥଳରୁ ଛାତ୍ରନେତାମାନେ ନିବେଦନ କରିଥିଲେ ।

## ୩୪୩ ଲିଟର ଦେଶୀମଦ ଜବତ, ଅଭିଯୁକ୍ତ ଚିଲିକା ଭିତରେ ଫେରାର

ପୁରୀ, (ପିଏନ)- ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ବ୍ରାହ୍ମଣଦେଓ କୁମାରପୁର ରିଙ୍ଗରୋଡରେ ଗୋଟିଏ ମାରୁତି ଓମିନି କାର୍ ନଂ ଏପି ୩୧ ଏଲ ୫୩୮୭ କୁ ଜବତ କରିବା ସମୟରେ ସେଥିରେ ଥିବା ମଦ ବ୍ୟବସାୟୀ ଚିଲିକା ଭିତର ଦେଇ ଖସି ଯାଇଥିଲେ । ସେହି ଗାଡିରୁ ୧୪ଟି ଜରି ଅଖାରେ ୩୪୩ ଲିଟର ଦେଶୀମଦ ଥିବା ଜଣାପଡିଥିଲା । ଏହାକୁ ପୁଲିସ୍ ଜବତ କରିଛି । ଏ ସମ୍ପର୍କରେ କୃଷ୍ଣପ୍ରସାଦ ଥାନାରେ ୧୫୪/୨୦ରେ ମାମଲା ରୁଜୁ ହୋଇଛି ।

## ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତରେ ଆବାସ ଓ ପାଇଖାନା ନାମରେ କୋଟି କୋଟି ଟଙ୍କା ହରିଲୁଟ୍ ଅଭିଯୋଗ

ହରିଚନ୍ଦନପୁର,(ପିଏନ)-କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଘଷଣାଟାଙ୍ଗର ଗ୍ରାମରେ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ପାଇଖାନା ଯୋଜନାରେ ଅନ୍ତର୍ଭୂକ୍ତ ଏକାଧିକ ହିତାଧିକାରୀଙ୍କ ଟଙ୍କା ହରିଲୁଟ୍ ହୋଇଛି । ପିଠାଗୋଳା ପଂଚାୟତରେ ଜିଆରଏସ ଭଳି ଘଷଣାଟାଙ୍ଗର ଗ୍ରାମରେ ସମିତି ସଭ୍ୟ ତ୍ରିଲୋଚନ ମହାନ୍ତ ଅନେକ ହିତାଧିକାରୀଙ୍କ ଗୃହ ନିର୍ମାଣ ଦାୟିତ୍ୱ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଅଧପାନ୍ତରିଆ ଅବସ୍ଥାରେ ଛାଡିଦେଇ ସମ୍ପୂର୍ଣ୍ଣ ଟଙ୍କା ଉଠାଇନେଇ ନିଜର ସମ୍ପତି ବଢାଇ ମାଲେମାଲ ହୋଇଥିବା ଅଭିଯୋଗ ହୋଇଛି । ସରକାରଙ୍କ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ କୁସୁମୀ ମୁଣ୍ଡା, ଜିତେନ ମୁଣ୍ଡା, ବିକ୍ରମ ମୁଣ୍ଡା, ଭାସ୍କର ମୁଣ୍ଡା, ରୁକ୍ମଣୀ ମୁଣ୍ଡା ନରସିଂ ମୁଣ୍ଡାଙ୍କ ଘର ଗୁଡିକର ନିର୍ମାଣ କାର୍ଯ୍ୟ ଆଜକୁ ଦୀର୍ଘ ଦିନ ହେବ ସଭ୍ୟ ତ୍ରିଲୋଚନ ଆରମ୍ଭ କରିଥିଲେ । ହେଲେ ଆଜକୁ ଅନେକ ବର୍ଷ ବିତିଯାଇଥିଲେ ମଧ ସେହି ଘର ଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ସମସ୍ତ ଟଙ୍କା ଉଠାଇ ନେଇଥିବା ଯୋଗ୍ୟ ହିତାଧିକାରୀ ଅଭିଯୋଗ କରିଛନ୍ତି । ଘର ଗୁଡିକ ସମ୍ପୂର୍ଣ୍ଣ ହୋଇନଥିବା ନେଇ ଗରିବ ହିତାଧିକାରୀ ସରକାରୀ ଅନୁଦାନରେ ନିର୍ମିତ ନୂଆ ଘରକୁ ଚାହିଁ ଚାହିଁ ଭଙ୍ଗା ଓ ପର ଘରେ ଦୁର୍ଦ୍ଦିନରେ ଜୀବନ ବିତାଇବାକୁ ବାଧ ହେଉଛନ୍ତି । ସେହି ଭଳି ଗ୍ରାମରେ ସ୍ୱଚ୍ଛ ଭାରତ ଯୋଜନାରେ ୧୨ହଜାର ଟଙ୍କାର ପାଇଖାନା ପାଇଥିବା ଶତାଧିକ ହିତାଧିକାରୀଙ୍କ ପାଇଖାନା ଗୁଡିକ ଅଧନିର୍ମିତ ଅବସ୍ଥାରେ ଛାଡ଼ି ଅବଶିଷ୍ଟାଂଶ ଟଙ୍କାକୁ ହରିଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି । ସାଧାରଣତଃ ଅଧିକାଂଶ ପାଇଖାନାର କବାଟ ଲାଗିନଥିବା ସହ ଟାଙ୍କି ନିର୍ମାଣ କରାଯାଇନାହିଁ । ସେହି ଭଳି ଅନେକ ପାଇଖାନା ଗୁଡିକ ଭାଙ୍ଗିବାକୁ ବସିଥିବା ବେଳେ ସେଗୁଡିକ ବର୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନାହିଁ । ଯାହାକୁ ନେଇ ହିତାଧିକାରୀମାନେ ମଳତ୍ୟାଗ ପାଇଁ ପୂର୍ବ ଭଳି ଖୋଲା ସ୍ଥାନ ବା ଜଙ୍ଗଲ ଉପରେ ନିର୍ଭର କରୁଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ଯୋଜନାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଧସମ୍ପୂର୍ଣ୍ଣ ଘର ଓ ପାଇଖାନା ଗୁଡିକ ସମ୍ପୂର୍ଣ୍ଣ କରିବାକୁ ଜନସାଧାରଣରେ ଦାବି ହୋଇଛି ।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Saturday December 02, 2023 ଭୁବନେଶ୍ୱର ଶନିବାର, ନଭେମ୍ବର ୧୭,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଉଦୀୟମାନ ପକ୍ଷରୁ ବିଶ୍ୱ ଏଡ଼ସ୍ ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ); ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଉଦୀୟମାନ ପକ୍ଷରୁ ଆଜି ଆନ୍ତର୍ଜାତିକ ଏଡ଼ସ୍ ଦିବସ ପାଳିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମକୁ ବଡ଼ଚ଼ଣା ଥାନା ଭାରପ୍ରାପ୍ତ ଅଧିକାରୀ ଶରତଚ଼ନ୍ଦ୍ର ପାତ୍ର ଆନୁଷ୍ଠାନିକ ଭାବରେ ଉଦଘାଟନ କରି ସ୍ୱେଚ୍ଛାସେବୀ ମାନଙ୍କୁ ଆଜିର ଦିବସ ସମ୍ପର୍କରେ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରିବା ସହିତ , ଜଳର ବ୍ୟବହାର ଓ ସଡ଼କ ଓ ଜଙ୍ଗଲ ସୁରକ୍ଷା ଉପରେ ବିଶେଦ୍ ଆଲୋଚ଼ନା କରିବା ସହିତ ରେଡ଼ ରିବନ ଦେଖାଇ ଶୋଭାଯାତ୍ରା ପରିକ୍ରମାକୁ ଶୁଭାରମ୍ଭ କରିଥିଲେ , ଚ଼ଣ୍ଡିଖୋଲ ସ୍ଥିତ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ନିକଟରୁ ଶୋଭାଯାତ୍ରାରେ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରଛାତ୍ରୀ ସମେତ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଅବିନାଶ ଜେନା , ଉପସଭାପତି ପ୍ରକାଶ କୁମାର ନାୟକ ,ସହ ସଂପାଦକ କାର୍ତ୍ତିକ ଚ଼ନ୍ଦ୍ର ଜେନା, କୋଷାଧ୍ୟକ୍ଷ ମଦନ ମୋହନ ପରମାଣିକ , ଉପଦେଷ୍ଟା ପ୍ରମୋଦ କୁମାର ଦାସ , କାଦମ୍ବିନୀ ମିଶ୍ର ,ସରୋଜିନୀ ପଣ୍ଡା , ମଧୁସ୍ମିତା ଜେନା ସମେତ ସ୍ୱେଚ୍ଛାସେବୀ ସରିତା ସ୍ୱାଇଁ , ଗୀତାଞ୍ଜଳୀ ମିଶ୍ର , ସ୍ନେହଲତା ବାରିକ , ତୁଳସୀ ଭଞ୍ଜ , ଆଶୁତୋଷ ଦେବୀ ପ୍ରସାଦ ରାଉତ ,ସୁଶାନ୍ତ କୁମାର ଜେନା , ଅଜିତ କିଶୋର ନାୟକ , ଅନିଲ କୁମାର ପାତ୍ର ,ଛତିଆ ଶାଖା ସଭାପତି ବିପିନ ବିହାରୀ ବିଶ୍ୱାଳ , ଶାଳପଡା ଶାଖା ସଭାପତି ସୁକାନ୍ତ କୁମାର ମହାରଣା ,ସାମାଜିକ କର୍ମୀ ବେଣୁଧର ପ୍ରଧାନ , କମଳାକାନ୍ତ ସ୍ୱାଇଁ , ସନ୍ତୋଷ କୁମାର ସାହୁ ଶିବ ନାୟକ , ଧର୍ମେନ୍ଦ୍ର ରାଏ ଆଶୁତୋଷ ମିଶ୍ର , ବିପିନ କୁମାର ବେହେରା ପ୍ରମୁଖ ବିରାଟ ଶୋଭାଯାତ୍ରାରେ ଏଡ଼ସ୍ ସଚେତନତା ବିଭିନ୍ନ ନାରା ଦେଇ ସ୍ଥାନୀୟ ଜନସାଧାରଣ ଏବଂ ଚ଼ଣ୍ଡିଖୋଲ ଏକ ଗାର୍ଡ଼ି ବ୍ୟବସାୟର ପ୍ରମୁଖ ସ୍ଥଳ ହୋଇଥିବାରୁ ବିଭିନ୍ନ ରାଜ୍ୟରୁ ଆସୁଥିବା ଡ୍ରାଇଭର ଭାଇ ମାନଙ୍କୁ ସଚେତନତା ନାରା ପ୍ଲାକାଡ଼ , ବ୍ୟାନର , ମାଧ୍ୟମରେ ସ୍ଲୋଗାନ ପ୍ରଦାନ ବଜାର ପରିକ୍ରମା କରିଥିଲେ । ଶେଷରେ ସହଯୋଗ କରିଥିବା ପୋଲିସ ପ୍ରଶାସନ , ସ୍ଥାନୀୟ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ବନ୍ଧୁ ମାନଙ୍କୁ ଅନୁଷ୍ଠାନର ସଂପାଦକ ଅନିଲ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରାଦୀପ ବନ୍ଦର ଡିଏଲଆର ଓ ଠିକା ଶ୍ରମିକଙ୍କ ନିୟମିତିକରଣ ଓ ସମାନ ଦରମା ଦାବିରେ ରାଷ୍ଟ୍ରପତି ଙ୍କୁ ସ୍ମାରକ ପତ୍ର

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦରରେ କାର୍ଯ୍ୟ କରୁଥିବା ପ୍ରାୟ ୧୨ ଶହ ରୁ ଉର୍ଦ୍ଧ ଡିଏଲଆର ଓ ଠିକା ଶ୍ରମିକଙ୍କ ନିୟମିତ୍ତିକରଣ କିମ୍ବା ବନ୍ଦର କର୍ମଚ଼ାରୀ ଙ୍କ ପରି ସମାନ କାର୍ଯ୍ୟ ପାଇଁ ସମାନ ଦରମା ପାଇଁ ଦୀର୍ଘଦିନ ହେବ ଦାବୀ ହୋଇଆସୁଥିଲା କ୍ଷ ତେବେ ଚ଼ଳିତ ବୋଇତ ବନ୍ଦାଣ ଉତ୍ସବରେ ରାଷ୍ଟ୍ରପତି ଙ୍କ ଗସ୍ତ ଅବସରରେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧୀନ ପାରାଦୀପ ବନ୍ଦର ମଜଦୁର ସଙ୍ଘ ର ସାଧାରଣ ସମ୍ପାଦକ ତଥା ପାରାଦୀପ ବନ୍ଦରର ପୂର୍ବତ୍ତନ ଟ୍ରଷ୍ଟି ପରେଶ ମୁର୍ମୁ ପାରାଦୀପ ବନ୍ଦରରେ କାର୍ଯ୍ୟ କରୁଥିବା ଡିଏଲଆର ଓ ଠିକା ଶ୍ରମିକଙ୍କୁ ନିୟମିତ୍ତିକରଣ କିମ୍ବା ସମାନ କାର୍ଯ୍ୟ ପାଇଁ ସମାନ ଦରମା ପ୍ରଦାନ କରିବା ପୂର୍ବକ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ବିଗତ ୨ ଦଶନ୍ଧି ଧରି ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ର କାର୍ଯ୍ୟରେ ଉତ୍ସର୍ଗୀକୃତ ଏହି ଶ୍ରମିକମାନେ ବର୍ତ୍ତମାନ ବନ୍ଦରର କାର୍ଯ୍ୟରେ ସେମାନଙ୍କର ଅପରିହାର୍ଯ୍ୟ ଭୂମିକା ପାଇଁ ସ୍ୱୀକୃତି ଏବଂ ଉଚ଼ିତ କ୍ଷତିପୂରଣ ଲୋଡିଛନ୍ତି ।

## ଏକ ସଶକ୍ତ ଓ କ୍ରିୟାଶୀଳ ଗଣତନ୍ତ୍ର ପାଇଁ ମୁକ୍ତ ଓ ଦାୟିତ୍ୱବାନ ଗଣମାଧ୍ୟମ ଏକା ଆବଶ୍ୟକ



ଭୁବନେଶ୍ୱର, (ପି.ଏନ): ଗଣମାଧ୍ୟମର ଏକ ସମୃଦ୍ଧ ଐତିହ୍ୟ ଓ ପରଂପରା ରହିଛି । ଗଣମାଧ୍ୟମ ସବୁବେଳେ ଅଗ୍ରଣୀ ଭୂମିକା ନେବା ସହ ସମୟ ଓ ସମାଜକୁ ଉଚିତ୍ ମାର୍ଗଦର୍ଶନ କରାଇବା ସହ ସକାରାତ୍ମକ ସହଯୋଗ କରିଆସିଛି । ଗଣମାଧ୍ୟମ ସାଧାରଣ ଲୋକମାନଙ୍କ ସ୍ୱପ୍ନ, ଅଭିଳାଷ, ଆକାଂକ୍ଷା ଓ ସ୍ୱରର ଧାରକ ଓ ବାହକ ହୋଇପାରିଛି ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛି ।ଆଜି ଜୟଦେବ ଭବନରେ ଜାତୀୟ ସାଂବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଆୟୋଜିତ ଜାତୀୟ ପ୍ରେସ୍ ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଛି । ଯେ ଏକ ସଶକ୍ତ ଓ କ୍ରିୟାଶୀଳ ଗଣତନ୍ତ୍ର ପାଇଁ ମୁକ୍ତ ଓ ଦାୟିତ୍ୱବାନ ଗଣମାଧ୍ୟମ ଏକା । ଜରୁରୀ । ଏହା ଶାସନ ବ୍ୟବସ୍ଥା ଓ ଲୋକମାନଙ୍କ ମଧ୍ୟରେ ସେତୁ ସଦୃଶ କାର୍ଯ୍ୟ କରେ। ଏହା ଯେତେ ସହଜ, ସୁଗମ ଓ ସକ୍ରିୟ ହେବ, ଗଣତନ୍ତ୍ର ସେତେ ସୁଦୃଢ଼ ହେବ ବୋଲି ରାଜ୍ୟପାଳ ଶ୍ରୀ ଦାସ ପ୍ରକାଶ କରିଛି ।ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ର ଶେଖର ଶର୍ମା ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ । ଜାତୀୟ ସାଂବାଦିକ କଲ୍ୟାଣ ବୋର୍ଡର ଅଧକ୍ଷ ପ୍ରଦୋଷ ପଟ୍ଟନାୟକ, ସାଧାରଣ ସଂପାଦକ ସନତ୍ ମିଶ୍ର ଜାତୀୟ ପ୍ରେସ୍ ଦିବସର ଆଭିମୁଖ୍ୟ ଓ ବୋର୍ଡର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାଂବାଦିକ ନିରଂଜନ ରଥଙ୍କୁ ଉତ୍କଳ ସାଂବାଦିକ ରତ୍ନ ସମ୍ମାନ ଓ କେତେକ ରାଜ୍ୟ ବାହାର ସାମ୍ବାଦିକଙ୍କୁ ରାଷ୍ଟ୍ରୀୟ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା । ଦିବଂଗତ ସାଂବାଦିକ ରବି ନାରାୟଣ ମହାନ୍ତି, ଗୋପାଳ ମିଶ୍ର, ବରେନ୍ଦ୍ରକୃଷ୍ଣ ଧଳ, ଦିଲ୍ଲୀପ ଶତପଥି, ରାମହରି ମିଶ୍ର, ପ୍ରଦ୍ୟୁମ୍ନ ବଳ ଓ ଅରିଂଦମ୍ ଦାଶଙ୍କ ସ୍ମୃତିରେ ସାଂବାଦିକତା ଓ ଗଣଯୋଗାଯୋଗ ଶିକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସିଲ୍ ପ୍ରଦାନ କରାଯାଇଥିଲା । ବର୍ଷୀଆନ ସାଂବାଦିକମାନଙ୍କୁ ପେନ୍‌ସନ ମଧ୍ୟ ପ୍ରଦାନ କରାଯାଇଥିଲା । ବୋର୍ଡର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶିଶୁ ଦିବସରେ ତ୍ରୟମାସିକ ଶିଶୁକିଶୋର ପତ୍ରିକା ପରଜାପତି ଉନ୍ମୋଚନ

ଜୟପୁର, (ପି.ଏନ): ଆଜି ଶିଶୁ ଦିବସରେ ତ୍ରୟମାସିକ ଶିଶୁକିଶୋର ପତ୍ରିକା ପରଜାପତି ପ୍ରଥମ ବର୍ଷ ପ୍ରଥମ ସଂଖ୍ୟାର ଶୁଭ ଉନ୍ମୋଚନ ମର୍ଡ଼ଣ୍ଡ ଇଂରାଜୀ ବିଦ୍ୟାଳୟଠାରେ ସୁନ୍ଦର ଭାବରେ ଅନୁଷ୍ଠିତ ହୋଇଯାଇଛି । ପତ୍ରିକାଟି ବିଦ୍ୟାଳୟର ନିର୍ଦ୍ଦେଶିକା ଶିଶୁପ୍ରାଣା ସୁସାହିତ୍ୟିକା ଶ୍ରୀମତୀ କୁମୁଦମାଳା ମହାନ୍ତିଙ୍କର କରକମଳରେ ପାଠକାର୍ପିତ ହୋଇଥିଲା । ଏହି ପୁସ୍ତକ ଉନ୍ମୋଚନ ପର୍ବରେ ନିଜର ଉପସ୍ଥିତି ସହ ସହଯୋଗ କରିଥିଲେ ବରିଷ୍ଠ ସାହିତ୍ୟିକ ଶ୍ରୀନାଥ ମିଶ୍ର, ସାହିତ୍ୟିକ ଡ.ସୁରେଶ ଦାସ, ନିର୍ବାଣ ସାହିତ୍ୟ ପରିଷଦର ସମ୍ପାଦକ ଶ୍ରୀ ଚନ୍ଦ୍ରକାନ୍ତ ବିଶ୍ୱାଳ, ସମ୍ବାଦ ସାହିତ୍ୟ ଘର ସଭାପତି ଗାଳ୍ପିକ ଶ୍ରୀ ଉଦୟ ଶଙ୍କର ଜାନୀ, ଉପସଭାପତି ସାହିତ୍ୟିକ ଯଜ୍ଞେଶ୍ୱର ପଣ୍ଡା ଓ ସମ୍ପାଦକ କବି ଶ୍ରୀ ଅଶୋକ ମହାରଣା, ସାହିତ୍ୟିକ ଡ. କମଳା କୃଷ୍ଣ ତ୍ରିପାଠୀ , ସାହିତ୍ୟିକ ଶ୍ରୀ ଅଶୋକ ପଲେଇ ଓ ସନ୍ତୋଷ ମହାନ୍ତି । ପତ୍ରିକାର ସମ୍ପାଦିକା ଯୁବକବୀ ଶ୍ରୀମତୀ ବିଜୟଲକ୍ଷ୍ମୀ ପାଣିଗ୍ରାହି ପତ୍ରିକା ପ୍ରକାଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବ୍ୟକ୍ତ କରିବା ବେଳେ ଶ୍ରୀମତୀ ମହାନ୍ତି ସମ୍ପାଦିକାଙ୍କର ପ୍ରୟାସକୁ ସାବାସୀ ଦେବା ସହିତ ପତ୍ରିକାର ଉତ୍ତରୋତ୍ତର କାମନା କରିଥିଲେ ।

## ରାଜଭବନରେ ଝାଡ଼ଖଣ୍ଡ ଦିବସ ପାଳିତ : ବିବିଧତା ମଧ୍ୟରେ ଏକତା ହିଁ ଭାରତୀୟତା :ରାଜ୍ୟପାଳ

ଭୁବନେଶ୍ୱର,(ପି.ଏନ) ବିବିଧତା ମଧ୍ୟରେ ଏକତା ହିଁ ଭାରତୀୟତା । ଏହା ଆମର ଶକ୍ତି, ସଂପଦ ଓ ସୌନ୍ଦର୍ଯ୍ୟ । ଏହାକୁ ବଜାୟ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି । ଆଜି ରାଜଭବନରେ ଝାଡ଼ଖଣ୍ଡ ରାଜ୍ୟ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଲେ ଯେ, 'ଏକ ଭାରତ ଶ୍ରେଷ୍ଠ ଭାରତ'ର ସ୍ୱପ୍ନ ସାକାର ହେବାକୁ ଯାଉଛି । ଭାରତୀୟ ଭାବ ଓ ଭାବନାରେ ସମସ୍ତେ ବାନ୍ଧି ହୋଇଛନ୍ତି । ପ୍ରତ୍ୟେକ ଭାରତୀୟ ନିଜର ପରିଚୟ ପାଇଁ ଗର୍ବିତ । ଝାଡ଼ଖଣ୍ଡ ଓ ଓଡ଼ିଶା ମଧ୍ୟରେ ଆବେଗିକ ସଂପର୍କ ରହିଛି । କଳା ଓ ସଂସ୍କୃତି ମାଧ୍ୟମରେ ଭାରତର ସଂହତି ଓ ଶକ୍ତି ପ୍ରକାଶିତ ବୋଲି ରାଜ୍ୟପାଳ ଶ୍ରୀ ଦାସ କହିଛନ୍ତି । ଏହି ଉତ୍ସବରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ ଏଭଳି ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଝାଡ଼ଖଣ୍ଡର ଡ଼.ଗୌତମ କୁମାର ମହାତୋ, ଶୁଭାଙ୍ଗୀ ଗୋସ୍ୱାମୀ ଓ ଆଂଚଲ ଅଗ୍ରୱାଲ ପ୍ରମୁଖ ଓଡ଼ିଶାରେ ନିଜର ଅନୁଭବ, ଅନୁଭୂତି ଓ ଉପଲବ୍ଧି ସମ୍ପର୍କରେ କହିଥିଲେ। ଏହି ଉତ୍ସବରେ ଝାଡ଼ଖଣ୍ଡ ରାଜ୍ୟପାଳଙ୍କ ଭିଡିଓ ବା ର୍ତ୍ତା ପ୍ରଦର୍ଶିତ ହୋଇଥିଲା । ଉତ୍ସବରେ ରାଜଭବନର ଅଧିକାରୀ ଓ କର୍ମଚାରୀଙ୍କ ସହିତ ଓଡ଼ିଶା ନିବାସୀ ଝାଡ଼ଖଣ୍ଡର ବହୁ ବ୍ୟକ୍ତି ଯୋଗଦେଇଥିଲେ । ରାଜ୍ୟପାଳଙ୍କ ଲୋକସଂପର୍କ ଅଧିକାରୀ ସଂଗ୍ରାମ ଦେଓଉ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସନ୍ଦେହ ଘେରରେ ପୁରୀ ସଦର ବ୍ଲକ ଶିକ୍ଷାଧିକାରୀଙ୍କ ଭୂମିକା

ପୁରୀ,(ପି.ଏନ): ପୁରୀ ସଦର ବ୍ଲକ ଲେବୁଲ-୩ ଶିକ୍ଷକ/ଶିକ୍ଷୟତ୍ରୀଙ୍କ ପଦୋନ୍ନତି ପାଇଁ ଚଳିତ ବର୍ଷ ଜୁଲାଇ ୧୪ତାରିଖରେ ସରକାରୀ ନିୟମ ଅନୁଯାୟୀ କାଉନସେଲିଂ କରାଯାଇଥିଲା । ଏହି କାଉନସେଲିଂରେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ପ୍ରାୟ ୫୩ଜଣ ଶିକ୍ଷକ/ ଶିକ୍ଷୟତ୍ରୀ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରେ ଯୋଗଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ଶିବ ନାରାୟଣ ଉଚ୍ଚ ମାର୍କଣ୍ଡେଶ୍ୱର ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିବା ବେଳେ,ପ୍ରଭାତି ମିଶ୍ର କମାଶାସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ । ଉପରୋକ୍ତ ଶିକ୍ଷକ,ଶିକ୍ଷୟତ୍ରୀ ୨ଜଣ ସ୍ୱାମୀ,ସ୍ତ୍ରୀ ବୋଲି ସୂଚନା ମିଳିଛି । ଅନ୍ୟ ପକ୍ଷରେ ସବିତା ମହାପାତ୍ର ବାଲିପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏବଂ ମଳୟ କୁମାର ଦାଶ ବାଟଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ/ ଶିକ୍ଷୟତ୍ରୀଭାବେ ଯୋଗଦାନ କରିଥିଲେ । ଏଠାରେ ସୂଚନାଯୋଗ୍ୟ,ଶିକ୍ଷକ ମଳୟ କୁମାର ଦାଶଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ତଥା +୨ ପରେ ସିଟି ହୋଇଥିବା ବେଳେ,ସବିତା ମହାପାତ୍ରଙ୍କ ଶିକ୍ଷାଗତ ଯୋଗ୍ୟତା ବିଏ ପରେ ସିଟି ବୋଲି ସୂଚନା ମିଳିଛି । ମାତ୍ର ଦୁଃଖ ଏବଂ ପରିତାପର ବିଷୟ ହେଉଛି ,କାଉନସେଲିଂ ଦ୍ୱାରା ପଦୋନ୍ନତି ପାଇ ନିଯୁକ୍ତି ପାଇଥିବା ପ୍ରଧାନ ଶିକ୍ଷକ/ଶିକ୍ଷୟତ୍ରୀ ଯୋଗଦାନ କରିବାର ୩ମାସ ନ ପୁରୁଣୁ କିଭଳିଭାବେ ରିକ୍ୟୁସନ ବଦଳି ହେଲେ,ଯାହା ଉଚ୍ଚାଧିକାରୀଙ୍କ ଦ୍ୱାରା ତଦନ୍ତ ସାପେକ୍ଷ । ପୁରୀ ସଦର ବ୍ଲକ ଶିକ୍ଷାଧିକାରୀ କାହା ସ୍ୱାର୍ଥରେ ସରକାରୀ ବଦଳି ଆଇନକୁ ବେଖାତିର କରି ଏଭଳି ବେଆଇନ କାର୍ଯ୍ୟ କରିଛନ୍ତି । ଯାହା ସାଧାରଣ ଲୋକଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି । ମାଟ୍ରିକ ତଥା +୨ ପରେ ସିଟି ଯୋଗ୍ୟତା ଅନୁଯାୟୀ ଶିକ୍ଷକ ମଳୟ କୁମାର ଦାଶ ପ୍ରାଥମିକ ବିଦ୍ୟାଳୟରେ ପଦୋନ୍ନତି ପାଇଥିବା ବେଳେ,ବିଏ ପରେ ସିଟି ଯୋଗ୍ୟତା ଅନୁଯାୟୀ ସବିତା ମହାପାତ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଦୋନ୍ନତି ପାଇଛନ୍ତି । ଏଠାରେ ସୂଚନାଯୋଗ୍ୟ,ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ମାଟ୍ରିକ ତଥା +୨ ପରେ ସିଟି ଯୋଗ୍ୟତା ସମ୍ପର୍ଣ୍ଣ ଶିକ୍ଷକଙ୍କ ସ୍ଥାନରେ ବିଏ ପରେ ସିଟି ଯୋଗ୍ୟତା ସମ୍ପର୍ଣ୍ଣ ଲେବୁଲ-୩ ଶିକ୍ଷକ ରହି ପାରିବେ ନାହିଁ । କିନ୍ତୁ ପୁରୀ ସଦର ବ୍ଲକ ଶିକ୍ଷାଧିକାରୀ ସରକାରୀ ନିୟମ ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ ଥାଇ ସରକାରୀ ନିୟମକୁ ଫୁ... କରି ଅତ୍ୟନ୍ତ ତରବରିଆଭାବେ ରିକ୍ୟୁସନ ବଦଳି ପାଇଁ ନିର୍ଦ୍ଦେଶନାମା ଜାରୀ କରିଛନ୍ତି ବୋଲି ଆଲୋଚନା ହେଉଛି । ଏହି ରିକ୍ୟୁସନ ବଦଳି ପ୍ରକ୍ରିୟାରେ ସଦର ବ୍ଲକ ଶିକ୍ଷାଧିକାରୀଙ୍କ ଭୂମିକା ସନ୍ଦେହ ଘେରରେ ରହିଥିବା ବେଳେ,ଦୁର୍ନୀତିର ଗନ୍ଧ ବାରି ହେଉଛି । ଏହି ବେଆଇନ ରିକ୍ୟୁସନ ବଦଳିକୁ ତୁରନ୍ତ ବାତିଲ କରିବା ସହ ସନ୍ଦେହଜନକ ଭୂମିକା ରହିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଉଛି ।

## ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ତଥା ମହିଳା ଓ ଶିଶୁ ଡେସ୍କ ପୋଲିସ ଅଧିକାରୀ ଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ସୁବର୍ଣ୍ଣପୁର,(ପି.ଏନ):ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସୋନପୁର ତରଫରୁ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ଡେସ୍କ ପୋଲିସ ଅଧିକାରୀ ଓ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ର ବିଭିନ୍ନ ଶିଶୁ ସମ୍ବନ୍ଧୀୟ ଆଇନ୍ ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁ କିଶୋର ମାନଙ୍କ ଯତ୍ନ ଓ ସୁରକ୍ଷା ଆଇନ୍, ଶିଶୁ କନ୍ୟା ଯୌନ ନିର୍ଯାତନା ଆଇନ୍, ଏବଂ ବାଲ୍ୟ ବିବାହ ନିଷେଧ ଆଇନ୍ ଆଦି ବିଷୟରେ ତାଲିମ ପ୍ରଦାନ କରାଯାଇ ଥିଲା । ଜିଲ୍ଲାରେ କାର୍ଯ୍ୟ କରୁଥିବା ଜିଲ୍ଲାର ସମସ୍ତ ଥାନାର ସ୍ୱତନ୍ତ୍ର ଶିଶୁ କିଶୋର ପୋଲିସ ଅଧିକାରୀ ଏବଂ ମହିଳା ଓ ଶିଶୁ ଡେସ୍କ ପୋଲିସ ର ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ମାନଙ୍କୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ସୁବର୍ଣ୍ଣପୁର ବିମଳେନ୍ଦୁ ରାୟ ଯୋଗଦାନ କରି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାପାଇଁ ପରାମର୍ଶ ଦେଇଥିଲେ । ଏହି ତାଲିମ ଶିବୀରକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ପରିଚାଳନା କରିଥିଲେ । ଅନ୍ୟତମ ସମ୍ମାନୀୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପଧାନ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଶଙ୍କର୍ଷଣ ପଣ୍ଡା, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସମ୍ପାଦିକା କୁମୁଦିନୀ ମୁଦୁଲି , ବିଶେଷଜ୍ଞ କମିଟି ସଦସ୍ୟ ପ୍ରଫେସର ନୀଳାମ୍ବର ଶତପଥୀ ପ୍ରମୁଖ ଉପସ୍ଥିତ ରହି ଶିଶୁ ସୁରକ୍ଷା ଓ ଯତ୍ନ ସମ୍ବନ୍ଧିୟ ଆଇନ୍ ବିଷୟରେ ଆଲୋଚନା କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମ ରେ ସାଧନ କର୍ମୀ ଭାବରେ ପ୍ରତାପ କୁମାର ରଣା, ଏସଡ଼ିପିଓ ତଥା ଡିଏସପି ଏଚ ଆର ପି ସି ସୋନପୁର , ସ୍ପେସିଆଲ ପିପି ପୋକ୍ସୋ ଦଶରଥ ମହାରଣା ,ବୌଦ୍ଧ ଶିଶୁ ମଙ୍ଗଳ କମିଟି ସଦସ୍ୟ, ରାଜୀବ କୁମାର ନାୟକ , ସୋନପୁର କିଶୋର ନ୍ୟାୟ ପରିଷଦ ସଦସ୍ୟ ରଞ୍ଜିତା ସାହୁ, ଏବଂ ପ୍ରୋଗ୍ରାମ ଅଫିସର ଅନିତା ଗୁରୁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । ଶିଶୁ ମଙ୍ଗଳ କମିଟି, କିଶୋର ନ୍ୟାୟ ବୋର୍ଡ଼ ରେ ଶିଶୁ ମାନଙ୍କ ଉପସ୍ଥାନ ସମୟରେ ପୋଲିସ ର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ତାଲିମ ପ୍ରଦାନ କରାଯାଇ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ,ଶିଶୁ ମଙ୍ଗଳ କମିଟିର ସଦସ୍ୟ ହେମନ୍ତ କୁମାର ସା ଉପସ୍ଥିତ ଥିଲେ । ଉତ୍କଳ ବଳଶ୍ରମ୍ , ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ସଖୀ ର କର୍ମ କର୍ତ୍ତା ମାନେ ମଧ୍ୟ ଉପସ୍ଥିତ ରହି ତାଲିମ ନେଇଥିଲେ । ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ଧନ୍ୟବାଦ୍ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ର କର୍ମଚାରୀ ବିଶେଶ୍ୱର ହୋତା, ସ୍ୱାଗତ ରଜ ମିଶ୍ର,ଥବିର କାଳସେ,ରୁଦ୍ର ପ୍ରସନ୍ନ ମିଶ୍ର, ବିଜୟ ବିଶ୍ୱାଳ,ସରିତା ସୁନା ଓ ଅନିଲ ମହଲା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରି ଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray